

୨୦୦୦ କୋଟିର ଫିଲ୍ମ ପାଇଁ ରାଜମୌଳିଙ୍କ ସର୍ତ୍ତ

▶ପୃଷ୍ଠା ୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-321 ♦BHUBANESWAR ♦SATURDAY ♦18 MAY 2024 ♦PAGE-8+8 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୨୧ ♦ଭୁବନେଶ୍ୱର ♦ଶନିବାର ♦୧୮ ମେ ୨୦୨୪ ♦ପୃଷ୍ଠା-୮+୮ ♦ଟ.୬.୦୦







## 'ନିର୍ବାଚନ ଟୁରିଷ୍ଟ'ଙ୍କୁ ନବୀନଙ୍କ ପ୍ରଚଣ୍ଡ ପ୍ରହାର

# ମିଛ କହୁଛନ୍ତି, କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି




■ ସମ୍ବଲପୁର/ ଅନୁଗୋଳ/ଢେଙ୍କାନାଳ, ୧୭ ।୫ (ସମିସ): ସମ୍ବଲପୁର ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନ ପ୍ରଚାର ଅବସରରେ ବିରୋଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିର୍ବାଚନ ବେଳେ ଓଡ଼ିଶା ମୁହାଁ ହୋଇଥିବା ବିରୋଧୀ 'ନିର୍ବାଚନ ଟୁରିଷ୍ଟ' ବୋଲି ଆକ୍ଷେପ କରିବା ସହ ସେମାନେ ମିଛ କହୁଛନ୍ତି ଓ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଶାଣିତ ସ୍ୱରରେ ଆକ୍ରମଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେମାନେ କେବଳ ଆପଣମାନଙ୍କ ଭୋଟ ଚାହାନ୍ତି, ମାତ୍ର ଆମେ ଆପଣମାନଙ୍କ କଲ୍ୟାଣ ଚାହୁଁ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଆସନ୍ତା ଜୁଲାଇ ମାସରୁ ରାଜ୍ୟର ୯୦% ପ୍ରତିଶତ ପରିବାରକୁ ମାଗଣାରେ ବିଜୁଳି ମିଳିବ ଓ ସମସ୍ତଙ୍କୁ ବିଏସ୍‌କେୱାଇରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା ସହ ମିଶନଶକ୍ତିର ମା' ମାନଙ୍କୁ ପେନସନ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

ଜୁଲାଇ ମାସରୁ ବିଜୁଳି ବିଲ୍ ଛାଡ଼, ସମସ୍ତଙ୍କୁ ବିଏସ୍‌କେୱାଇ

କେନ୍ଦୁପତ୍ର ଶ୍ରମିକଙ୍କ କଲ୍ୟାଣ ପାଇଁ ଆସିବ ବଡ଼ ପ୍ୟାକେଜ

ସେମାନେ ଭୋଟ ଚାହାଁନ୍ତି, ଆମେ ଆପଣଙ୍କ କଲ୍ୟାଣ ଚାହୁଁ

ନିର୍ବାଚନ ପାଇଁ ବିରୋଧୀ ନେତାମାନେ ଏବେ ଓଡ଼ିଶା ମୁହାଁ




ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏବେ ନିର୍ବାଚନ ଥିବାରୁ ବିରୋଧୀମାନେ ଓଡ଼ିଶା ମୁହାଁ ହୋଇଛନ୍ତି। ସେମାନେ କେବଳ ଆପଣମାନଙ୍କ ଭୋଟ ଚାହୁଁଛନ୍ତି, ଆପଣମାନଙ୍କ ମଙ୍ଗଳ ନୁହେଁ। ଭୋଟ ପାଇଁ ଏବେ ବହୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଆସୁଛନ୍ତି। ସେମାନେ ହେଉଛନ୍ତି ନିର୍ବାଚନ ଟୁରିଷ୍ଟ। ନିର୍ବାଚନ ସରିଲେ ସେମାନଙ୍କ ଦେଖା ମିଳିବ ନାହିଁ; କିନ୍ତୁ ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସହିତ ରହିଛି ଆଉ ସବୁ ଦିନ ରହିବ। ଆମ ପାଇଁ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଠାରୁ କିଛି ବଡ଼ ନୁହେଁ। କେବଳ ବିଜୁ ଜନତା ଦଳକୁ ଆଶୀର୍ବାଦ କରିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଏହା ସହଓଡ଼ିଶାର ସ୍ୱାର୍ଥ ବିରୋଧୀଙ୍କୁ ଚିହ୍ନି ରଖିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

▶ପୃଷ୍ଠା-୫

## ବିଜେପିକୁ ପାଣ୍ଡିଆନଙ୍କ ଆହ୍ୱାନ

# କେଉଁ ରାଜ୍ୟକୁ ଏକ ନମ୍ବର କରିବେ ପ୍ରଥମେ ନିଷ୍ପତ୍ତି ନିଅନ୍ତୁ

୨୫ ବର୍ଷ ଶାସନ ପରେ ବି ଗୁଜରାଟ ଏକ ନମ୍ବର ହୋଇପାରିଲାନି

ଅଧା ରାଜ୍ୟରେ ଡବଲ ଇଞ୍ଜିନ୍ ବନ୍ଦ, ଅଧା ରାଜ୍ୟରେ ଧକେଇଛି

ପରାଜୟ ଭୟରେ ଜନ୍ମମାଟି ଛାଡ଼ି ସମ୍ବଲପୁର ପଳାଇଲେ କେନ୍ଦ୍ରମନ୍ତ୍ରୀ

ଓଡ଼ିଶା ବିରୋଧୀଙ୍କୁ ଉଚିତ୍ ଜବାବ୍ ଦେବାର ସମୟ ଆସିଛି: ପ୍ରଣବ



■ ଭୁବନେଶ୍ୱର, ୧୭ ।୫ (ସମିସ): ତଳଠାରୁ ଉପର ପର୍ଯ୍ୟନ୍ତ ବିଜେପି ନେତାମାନେ କହୁଛନ୍ତି ଓଡ଼ିଶାକୁ ଏକ ନମ୍ବର କରିବେ। ମାତ୍ର କେଉଁ ରାଜ୍ୟକୁ ଏକ ନମ୍ବର କରିବେ; ସେମାନେ ପ୍ରଥମେ ତାଙ୍କ ପାର୍ଲାମେଣ୍ଟାରି ପାର୍ଟିର ବୈଠକ କରି ନିଷ୍ପତ୍ତି କରନ୍ତୁ। ତା'ପରେ ଓଡ଼ିଶା ଆସି ଆମର ଏକ ନମ୍ବର ମୁଖ୍ୟମନ୍ତ୍ରୀଙ୍କ ଠାରୁ ପରାମର୍ଶ ନିଅନ୍ତୁ। ଅନ୍ୟ ରାଜ୍ୟମାନଙ୍କରେ ତାଙ୍କର ଡବଲ୍ ଇଞ୍ଜିନ୍ ଅଟକି ଗଲାଣି, କିଛି ରାଜ୍ୟରେ ଧକେଉଛି; ମାତ୍ର ଆମର 'ନବୀନ ଇଞ୍ଜିନ୍' ପୁରା ଦମ୍‌ରେ ଚାଲିଛି ଆଉ ନିର୍ବାଚନ ପରେ ଆହୁରି ଦ୍ରୁତ ବେଗରେ ମାଡ଼ି ଚାଲିବ। ଆଜି ଢେଙ୍କାନାଳ ଏବଂ ଅନୁଗୁଳରେ ମୁଖ୍ୟମନ୍ତ୍ରୀଙ୍କ ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଅବସରରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍

▶ପୃଷ୍ଠା-୫

# ନବୀନ ପଢ଼ାଇଲେ 'ଶାଳୀନତା'ର ପାଠ

## କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ଭାଷାରେ ସଂଯମତା ରକ୍ଷା କରନ୍ତୁ

■ ଭୁବନେଶ୍ୱର, ୧୭ ।୫ (ସମିସ): ଏବେ ଅନ୍ୟ ରାଜ୍ୟର କିଛି ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଓଡ଼ିଶାକୁ ରାଜନୀତିର ପର୍ଯ୍ୟଟନ ଭୂଇଁ କରିଛନ୍ତି। ରାଜନୈତିକ ପର୍ଯ୍ୟଟକ ଭାବରେ ଅନ୍ୟ ରାଜ୍ୟର ଏହି ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବରେ ଆସି ଅତ୍ୟନ୍ତ ଅଶାଳୀନ ଭାଷା ପ୍ରୟୋଗ କରୁଛନ୍ତି । ରାଜନୀତିର ସବୁ ଶାଳୀନତାକୁ ପାଶୋରି ନିମ୍ନରୁଚିର ମନ୍ତବ୍ୟ ଦେଉଛନ୍ତି । ଓଡ଼ିଶା ଓ ସମୃଦ୍ଧ ଓଡ଼ିଆ ପରମ୍ପରା ସମ୍ପର୍କରେ ସାମାନ୍ୟତମ ଜ୍ଞାନ ନ ଥିବା ରାଜନେତାମାନେ ଓଡ଼ିଶାର ଲୋକମାନଙ୍କୁ ଭ୍ରମିତ କରିବା ପାଇଁ ମିଛ କହୁଛନ୍ତି ଓ ଅପଶବ୍ଦ ପ୍ରୟୋଗ କରୁଛନ୍ତି। ବିରୋଧୀମାନଙ୍କର ଏପରି ଦୁର୍ଭାଗ୍ୟପୂର୍ଣ୍ଣ ଆଚରଣ ଓ ଅପଶବ୍ଦ ବ୍ୟବହାରକୁ ନେଇ 'ଶାଳୀନତା'ର ପାଠ ପଢ଼ାଇଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଜି ଏକ ଜାତୀୟ ଖବର ସରବରାହ ସଂସ୍ଥାକୁ ସାକ୍ଷାତକାର ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିର୍ବାଚନ ଥିବାରୁ ଅନେକ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଭାବେ ଓଡ଼ିଶା ଆସୁଛନ୍ତି। ନିର୍ବାଚନ ପାଇଁ ଓଡ଼ିଶା କଥା

ଏପରି କଦର୍ଯ୍ୟ ରାଜନୀତିରେ ମୋର କେବେ ବିଶ୍ୱାସ ନାହିଁ

ଅଭଦ୍ର ଭାଷାର ରାଜନୀତିକୁ ଓଡ଼ିଶାବାସୀ ପସନ୍ଦ କରନ୍ତି ନାହିଁ

ସେମାନଙ୍କର ମନେ ପଡୁଛି। କିନ୍ତୁ ଭୋଟ ସରିଲେ ସେମାନଙ୍କର ଆଉ ଦେଖା ମିଳିବ ନାହିଁ। ତେବେ ଦୁଃଖର କଥା ସେମାନେ ଭାବେ ଅଶାଳୀନ ମନ୍ତବ୍ୟ ଦେଉଛନ୍ତି। ମୁଁ କେବେ ବି ଏପରି କଦର୍ଯ୍ୟ ରାଜନୀତିରେ ବିଶ୍ୱାସ କରେ ନାହିଁ। ଓଡ଼ିଶାର ଲୋକେ ମଧ୍ୟ ଏପରି ଅପଶବ୍ଦକୁ ପସନ୍ଦ କରନ୍ତି ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତୀତ ନିର୍ବାଚନଗୁଡ଼ିକରେ ବିଜେପି ଓ ଅନ୍ୟ ରାଜନୈତିକ ଦଳର ନେତାମାନେ ଓଡ଼ିଶା ପ୍ରଚାର କରିବାକୁ ଆସିବା ସମୟରେ ସମାଲୋଚନା କରୁଥିଲେ। ମାତ୍ର ଚଳିତ ନିର୍ବାଚନରେ ଏହା ସବୁ ସୀମା ଅତିକ୍ରମ କରି ଯାଇଛି। ରାଜନୀତିରେ ଆକ୍ଷେପ-ପ୍ରତ୍ୟାକ୍ଷେପ ଏକ ସ୍ୱାଭାବିକ କଥା। ମାତ୍ର ଚଳିତ ନିର୍ବାଚନରେ ଏହା ନିର୍ବାଚନ ପର୍ଯ୍ୟଟନ କେନ୍ଦ୍ରମନ୍ତ୍ରୀ ଏବଂ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ପାଇଁ ଶାଳୀନତା ଶବ୍ଦଟି ମୂଲ୍ୟହୀନ ହୋଇଯାଇଛି। ସେମାନେ ଓଡ଼ିଶାର ସାଢ଼େ ଚାରିକୋଟି ଲୋକଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀ, ସାଂସଦ, ବିଧାୟକମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ପ୍ରଦାନ କରୁଛନ୍ତି। ପୂର୍ବରୁ ମଧ୍ୟ ସେମାନେ ଏପରି କରିଥିଲେ, କିନ୍ତୁ ଏଥର ବିଜେପିର ନେତାମାନେ ସବୁ ସୀମାରେଖାକୁ ଅତିକ୍ରମ କରି ଯାଇଛନ୍ତି ।

# ୨୦ରୁ ପୁଣି ଗ୍ରୀଷ୍ମ ଲହରୀ

■ ଭୁବନେଶ୍ୱର, ୧୭ ।୫(ସମିସ): ପୁଣି ଫେରିବ ଗ୍ରୀଷ୍ମଲହରୀ। ୨୦ରୁ ରାଜ୍ୟରେ ପୁଣିଥରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବ। ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଓ ଗରମ ବାୟୁ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ଏହାସହ କାଳବୈଶାଖୀ ଅଭାବ ଓ ନିର୍ମଳ ଆକାଶ ଯୋଗୁଁ ସୂର୍ଯ୍ୟକିରଣ ମଧ୍ୟ ପ୍ରଖର ହୋଇଛି। ଏଥିପାଇଁ ରାଜ୍ୟରେ ଆହୁରି ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି।

କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ, ଶନିବାର ଓ ରବିବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହେବ। ଏହା ପରେ ରାଜ୍ୟରେ ସ୍ଥିତି ଜଟିଳ ହେବ। ଗ୍ରୀଷ୍ମ ଲହରୀ ଆରମ୍ଭ ହୋଇଯିବ। ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହେବାର ଆଶଙ୍କ ରହିଛି। ରବିବାର

▶ପୃଷ୍ଠା-୫

## ପୋଲ ବାଡ଼ରେ ଧକ୍କାହେଲା ବୋଲେରୋ

# ଦମ୍ପତିଙ୍କ ସମେତ ୪ ମୃତ

■ ରାଉରକେଲା/ଲହୁଣୀପଡ଼ା, ୧୭ ।୫ (ସମିସ): କ୍ୟାନ୍ସରରେ ପୀଡ଼ିତ ଥିବା ଭାଇଙ୍କର ଗୁରୁବାର ମୃତ୍ୟୁ ହେବା ଖବର ପାଇ ଗୋଟିଏ ପରିବାରର ୯ ସଦସ୍ୟ ବାଲେଶ୍ୱର ଜିଲ୍ଲା ଭୋଗରାଇରୁ ଏକ ବୋଲେରୋରେ ରାଉରକେଲା ଆସୁଥିଲେ। ପହଞ୍ଚିବାକୁ ଆଉ ଅଳ୍ପ ଦୂର ବାକି ଥିଲା। ହେଲେ ତା' ପୂର୍ବରୁ ଘଟିଲା ଭୟଙ୍କର ଦୁର୍ଘଟଣା ଓ ଚାଲିଗଲା ୪ ଜଣଙ୍କ ଜୀବନ। ଭାଇର ଶବ ଦେଖିବା ପୂର୍ବରୁ ଆଖି ବୁଜିଦେଲେ ଭାଇ ସମେତ ୪ ଜଣ। ମୃତକମାନେ ହେଲେ ତପନ ଦାସ ମହାପାତ୍ର (୬୨), ତାଙ୍କ ସ୍ତ୍ରୀ ସୋରୋଜିନୀ ଦାସ ମହାପାତ୍ର (୫୮), ଅନିତା ମହାନ୍ତି (୩୫) ଏବଂ ଗଗନ କାମିଲା (୭୦)। ଏହି ଦୁର୍ଘଟଣାରେ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଅନିତା ମହାପାତ୍ର, ସୁଚିତ୍ରା ଗିରି, ପ୍ରଦୀପ ମହାନ୍ତି ଓ ଚାଳକ ପ୍ରଶାନ୍ତ ମଣ୍ଡଳ। ଅନ୍ୟ ଜଣଙ୍କ ପରିଚୟ ମିଳିନାହିଁ।

▶ପୃଷ୍ଠା-୫



ଗୁରୁତର ଅବସ୍ଥାରେ ଅନ୍ୟ ୫ ଜଣ ଡାକ୍ତରଖାନାରେ ଭର୍ତ୍ତି

ବଡ଼ଭାଇର ଶେଷଦର୍ଶନ କରିବା ପୂର୍ବରୁ ଚାଲିଗଲା ଜୀବନ

## ସମ୍ବଲପୁର ମାଟିରେ ଖୋଲିଲା କେନ୍ଦ୍ରମନ୍ତ୍ରୀଙ୍କ ମୁଖା

# ପାଣ୍ଡିଆନଙ୍କ ୯ ପ୍ରଶ୍ନର 'କାଠଗଡ଼ା'ରେ ଧର୍ମେନ୍ଦ୍ର

■ ସମ୍ବଲପୁର, ୧୭ ।୫ (ସମିସ): ସମ୍ବଲପୁର ମାଟିରେ ଠିଆ ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମୁଖା ଖୋଲିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। କେନ୍ଦ୍ରରେ ନିଜର ୧୦ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସମ୍ବଲପୁର ମାଟି ପାଇଁ, ଏ ଅଞ୍ଚଳ ପାଇଁ, ମା' ସମଲେଇଙ୍କ ପାଇଁ, କୋଶଳୀ ଭାଷା ପାଇଁ, ମହାନଦୀ ପାଇଁ କ'ଣ କରିଛନ୍ତି ବୋଲି ପ୍ରଶ୍ନ କରି କେନ୍ଦ୍ରମନ୍ତ୍ରୀଙ୍କୁ ଘାଇଲା କରିବା ସହ ଉତ୍ତରଦାୟିତ୍ୱର କାଠଗଡ଼ାରେ ଠିଆ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ସମ୍ବଲପୁରୀ ଶାଢ଼ୀର ପ୍ରଚାର ପ୍ରସାର ପାଇଁ କ'ଣ କରିଛନ୍ତି? ପଶ୍ଚିମ ଓଡ଼ିଶାର ବରପୁତ୍ରମାନଙ୍କ ଗାରିମା ରକ୍ଷା ପାଇଁ କ'ଣ କରିଛନ୍ତି? ମହାନଦୀ ପ୍ରସଙ୍ଗରେ ଓଡ଼ିଶାର ସ୍ୱାର୍ଥକୁ ବିରୋଧ କରି ସୁପ୍ରିମ୍ କୋର୍ଟ କିଏ ଯାଇଥିଲା? ଜିଏସ୍‌ଟି ନାମରେ ଗରିବ କେନ୍ଦୁପତ୍ର ତୋଳାଳିଙ୍କୁ କେନ୍ଦ୍ର ସରକାର କେତେ ଦିନି ଶୋଷଣ କରିବେ? ସମ୍ବଲପୁରୀ କୋଶଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପାଞ୍ଚ ଥର ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର କାହିଁକି ଖାରଜ କରିଦେଲେ ବୋଲି ଉତ୍ତର ଦିଅନ୍ତୁ ବୋଲି ଶ୍ରୀ ପାଣ୍ଡିଆନ ଆହ୍ୱାନ କରିଛନ୍ତି ।

କେନ୍ଦ୍ରମନ୍ତ୍ରୀଙ୍କ ନିର୍ବାଚନ କ୍ଷେତ୍ର ସମ୍ବଲପୁର ମାଟିରେ ଠିଆ ହୋଇ ଏପରି ଗୋଟିଏ ପରେ ଗୋଟିଏ ପ୍ରଶ୍ନବାଣ ମାରି ଧର୍ମେନ୍ଦ୍ରଙ୍କ ମୁହଁରୁ ଛଳନାର ମୁଖା ଖୋଲିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ

▶ପୃଷ୍ଠା-୫

- ? ସମ୍ବଲପୁରୀ କୋଶଳୀ ଭାଷାକୁ ଅଷ୍ଟମ ପରିଚ୍ଛେଦ ସାମିଲ ନେଇ କ'ଣ କରିଛନ୍ତି
- ? କେନ୍ଦ୍ରମନ୍ତ୍ରୀ ସମଲେଇ ପ୍ରକଳ୍ପ ବିରୋଧରେ କୋର୍ଟକୁ ଯାଇଥିଲେ କାହିଁକି
- ? ସମ୍ବଲପୁରୀ ଶାଢ଼ୀର ପ୍ରଚାର ପ୍ରସାର ପାଇଁ କ'ଣ କରିଛନ୍ତି
- ? ଏ ଅଞ୍ଚଳର ବରପୁତ୍ରମାନଙ୍କ ସ୍ମୃତି ରକ୍ଷା ପାଇଁ କ'ଣ କରିଛନ୍ତି
- ? ମହାନଦୀ ଆନ୍ଦୋଳନ ବେଳେ ଓଡ଼ିଶାର ସ୍ୱାର୍ଥ ପାଇଁ କ'ଣ କରିଛନ୍ତି
- ? ୧୦ ବର୍ଷ ବିତିଗଲା କଟକ-ସମ୍ବଲପୁର ରାସ୍ତା ହୋଇପାରିଲାନି କାହିଁକି
- ? କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ ପାଇଁ କି ପଦକ୍ଷେପ ନେଇଛନ୍ତି
- ? ଲକ୍ଷେ କୋଟି ଟଙ୍କା କୋଇଲା ସେସ୍‌ରୁ ଓଡ଼ିଶାକୁ ଭାଗ ମିଳୁନାହିଁ କାହିଁକି
- ? ଗ୍ୟାସ ଦର ବୃଦ୍ଧି ଯୋଗୁଁ ମା' ମାନଙ୍କ ଲୁହ ପାଇଁ କିଏ ଦାୟୀ




# ସମ୍ପୂର୍ଣ୍ଣା



## ଆଜିର ଇତିହାସ


- ୧୭୫୬- ବ୍ରିଟେନ ଫ୍ରାନ୍ସ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୮୦୪- ନେପୋଲିଅନ୍‌ଙ୍କୁ ଫ୍ରାନ୍ସର ସମ୍ରାଟ ଘୋଷଣା କରାଗଲା।
- ୧୮୪୮ - ଜର୍ମାନୀରେ ପ୍ରଥମ ଥର ନେସନାଲ୍ ଆସେମ୍ବ୍ଲି ଉଦ୍‌ଘାଟନ ହେଲା।
- ୧୯୩୩- ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି ଦେବଗୌଡ଼ାଙ୍କ ଜନ୍ମ।
- ୧୯୫୦- ନାଟୋ ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କଲା।
- ୨୦୧୭- ହିନ୍ଦୀ ଫିଲ୍ମ ଅଭିନେତ୍ରୀ ରୀମା ଲାଗୁଙ୍କ ଦେହାନ୍ତ।


## ମାନବ ପାଠାଗାର



ଆଜିର ଡିଜିଟାଲ ଯୁଗରେ ବି କମିନି ବହିର ଚାହିଦା। ଖାସ୍ ସେଥିପାଇଁ ପୁସ୍ତକ ପ୍ରେମୀମାନେ ନିଜ ମନଲାଖି ବହିଟିଏ ପଢ଼ିବା ପାଇଁ ଧାଇଁ ଆସିଥାନ୍ତି ପାଠାଗାରକୁ। ସାଧାରଣତଃ ପାଠକମାନେ ନିର୍ଦ୍ଦିଷ୍ଟ ସମୟ ପାଇଁ ବହି ଆଣି ପଢ଼ିବା ପରେ ପୁଣି ତାକୁ ପାଠାଗାରକୁ ଫେରାଇ ଦିଅନ୍ତି। କିନ୍ତୁ ଏପରି ଏକ ଲାଇବ୍ରେରୀ ବା ପାଠାଗାର ଅଛି, ଯେଉଁଠି ମଣିଷମାନଙ୍କୁ ବହି ଭଳି କିଛି ସମୟ ପାଇଁ ଉଧାର ନେଇହେବ। ଏହି ସମୟରେ ଲୋକେ ଉଧାର ସୂତ୍ରରେ ନେଉଥିବା ଲୋକଙ୍କ ମୁଖରୁ ଯେଉଁ ବହିଗୁଡ଼ିକ ପଢ଼ିପାରୁନାହାନ୍ତି ତାଙ୍କଠାରୁ ଶୁଣିବା ସହ ବିଭନ୍ନ ଘଟଣା ବିଷୟରେ ଅବଗତ ହୋଇଥାନ୍ତି। ଏହାସହ ସେମାନଙ୍କ ମନରେ ଥିବା ବିଭିନ୍ନ ପ୍ରଶ୍ନଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହ ନିଜ ମନକଥା ପ୍ରକାଶ କରିଥାନ୍ତି। ଏହାକୁ 'ହ୍ୟୁମାନ୍ ଲାଇବ୍ରେରୀ' ବା 'ମାନବ ପାଠାଗାର' ନାମ ଦିଆଯାଇଛି। ଡେନମାର୍କର ଏକ ଆନ୍ତର୍ଜାତିକ ଏନ୍‌ଜିଓ ୨୦୦୦ ମସିହାରୁ ଲୋକଙ୍କ ପାଇଁ ଏଭଳି ଏକ ଟ୍ରେଣ୍ଡ ନେଇ ଆସିଛି। ଏହାର ଉଦ୍ଦେଶ୍ୟ ହେଉଛି ପ୍ରତିବର୍ଗର ଲୋକଙ୍କ ମଧ୍ୟରେ ସାମାଜିକ ଯୋଗାଯୋଗ ସ୍ଥାପନା କରିବା। ଏହି ସଂସ୍ଥା ବିଶ୍ୱର ୮୦ଟି ଦେଶରେ ଏଭଳି ଲାଇବ୍ରେରୀ ଆରମ୍ଭ କରିଛି। ଏହି ପୁସ୍ତକ ରୂପୀ ମଣିଷମାନେ ସଂସ୍ଥାର ଭଲ୍ୟୁଣ୍ଟିୟର ହୋଇଥାନ୍ତି। ଯେଉଁମାନେ ଲୋକଙ୍କ ମନରେ ଚାପି ରହିଥିବା କଥାକୁ ପ୍ରକାଶ କରିବାକୁ ଚେଷ୍ଟା କରିଥାନ୍ତି। ଏହି ଭଲ୍ୟୁଣ୍ଟିୟରମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ କିଛି ଅର୍ଥ ଦେଇ ଲୋକେ ଧାର ସୂତ୍ରରେ ନେଇଥାନ୍ତି।

## ୧୦୦୦ କୋଟିର ଫିଲ୍ମ ପାଇଁ ରାଜମୌଳିଙ୍କ ସର୍ତ୍ତ





ଦକ୍ଷିଣର ଆଗଧାଡ଼ିର ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳି ଏବେ ତାଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି ୨୯'କୁ ନେଇ ଚର୍ଚ୍ଚାରେ। ଏଥିରେ ତେଲୁଗୁ ସୁପରଷ୍ଟାର୍ ମହେଶବାବୁ ଲିଡ୍ ରୋଲରେ ନଜର ଆସିବେ। ଏହାକୁ ଭାରତୀୟ ଇତିହାସର ସବୁଠୁ ମହଙ୍ଗା ଫିଲ୍ମ କୁହାଯାଉଛି। ଏହାର ବଜେଟ୍ ୧୦୦୦ କୋଟି ରହିଛି। ବର୍ତ୍ତମାନ ଏହାର ପ୍ରିପ୍ରଡକ୍ସନ୍ କାମ ଚାଲିଛି। ଆସନ୍ତା ଅକ୍ଟୋବରରେ ଏହା ପ୍ରେକ୍ଷାଳୟକୁ ଆସିପାରେ ବୋଲି ଚର୍ଚ୍ଚା ହେଉଛି। ଏହି ଫିଲ୍ମ ପାଇଁ ସ୍ୱତନ୍ତ୍ର ତାଲିମ ନେବା ନିମନ୍ତେ କିଛିଦିନ ପୂର୍ବରୁ ମହେଶବାବୁ ଜର୍ମାନୀ ଯାଇଥିଲେ। ଏବେ ଏହି ହାଇ ବଜେଟ୍‌ର ଫିଲ୍ମ ପାଇଁ ରାଜମୌଳି ମହେଶବାବୁଙ୍କ ସମ୍ମୁଖରେ ଏକ ସର୍ତ୍ତ ରଖିଛନ୍ତି। ରାଜମୌଳି ଏହି ଫିଲ୍ମର ସୁଟିଂ ବିଦେଶରେ ଗୋଟିଏ କି ଦୁଇଟି ସ୍ଥାନରେ ନୁହେଁ ଅନେକ ଦେଶରେ କରିବେ। ଫିଲ୍ମରେ ମହେଶବାବୁଙ୍କ ଲୁକ୍‌କୁ ନେଇ ସେ ବହୁତ ସିରିୟସ୍ ଅଛନ୍ତି। ନିକଟରେ ମହେଶବାବୁ ଭୋଟ୍ ଦେବାକୁ ମତଦାନ କେନ୍ଦ୍ରକୁ ଯାଇଥିଲେ। ଏହି ସମୟରେ ଦର୍ଶକେ ତାଙ୍କୁ ନୂଆ ଲୁକ୍‌ରେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହାପରେ ରାଜମୌଳି ଏହି ସର୍ତ୍ତ ରଖିଥିବା ଜଣାପଡ଼ିଛି। ମହେଶବାବୁଙ୍କ ନିଜର ନୂଆ ଲୁକ୍‌କୁ ଗଣମାଧ୍ୟମଠାରୁ ଦୂରେଇ ରଖିବା ପାଇଁ ଯେତେସମ୍ଭବ ଚେଷ୍ଟା କରିବେ ବୋଲି ରାଜମୌଳି ସର୍ତ୍ତ ରଖିଛନ୍ତି। ଏହି ଫିଲ୍ମ ଜରିଆରେ ପ୍ରଥମ ଥର ପାଇଁ ମହେଶ ବାବୁ ଓ ରାଜାମୌଳି ଏକାଠି କାମ କରିବାର ସୁଯୋଗ ପାଇଛନ୍ତି। ଫିଲ୍ମଟିର କାହାଣୀ ପୁରାଣ ଓ ଭାରତୀୟ ଉପନ୍ୟାସର ସମ୍ମିଶ୍ରଣରେ ଗଢ଼ିଉଠିଛି।

## ନକଲି ପାଣ୍ଡା



ସାଧାରଣତଃ ଚୀନ୍ ଡୁପ୍ଲିକେଟ୍ ବା ନକଲି ଜିନିଷ ତିଆରି କରିବାରେ ମାହିର୍। ନିକଟରେ ଚୀନ୍‌ର ଏକ ଚିଡ଼ିଆଖାନାରେ ପାଣ୍ଡା ସଂଖ୍ୟା କମିଯିବାରୁ ଦୁଇଟି କୁକୁରଙ୍କୁ କଳା-ଧଳା ରଙ୍ଗ ଦେଇ ସେମାନଙ୍କୁ ଅବିକଳ ପାଣ୍ଡା ଭଳି ଦେଖାଯିବାକୁ ଚେଷ୍ଟା କରିବା ଭିଡିଓ ଭାଇରାଲ ହୋଇଛି। ଚୀନର ଜିୟାଙ୍ଗସୁ ଅଞ୍ଚଳରେ ଥିବା 'ତାଇଝୋଉ' ଚିଡ଼ିଆଖାନାର ଏପରି କାର୍ଯ୍ୟକଳାପକୁ ଲୋକେ ତୀବ୍ର ସମାଲୋଚନା କରିଛନ୍ତି। ଭାଇରାଲ ହୋଇଥିବା ଭିଡିଓରେ ଦେଖାଯାଇଛି, ପାଣ୍ଡା ବେଶରେ ଦୁଇଟି କୁକୁର ଚିଡ଼ିଆଖାନାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ସୁକତାର ସହ ଚାହିଁ ରହିଥିବା ଦେଖିବାକୁ ମିଳିଛି। ତେବେ ଏହି ନକଲି ପାଣ୍ଡା ଦୁଇଟିକୁ ମେ ମାସ ୧ ତାରିଖରୁ ସକାଳ ୮ରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରଦର୍ଶନ କରାଯାଉଥିଲା। ତେବେ ଚିଡ଼ିଆଖାନାର ଅଧିକାରୀମାନେ ପାଣ୍ଡା ନାମରେ କୁକୁର ଦେଖାଉଥିବା ଜାଣି ପର୍ଯ୍ୟଟକମାନେ ପ୍ରାଣୀ ଉଦ୍ୟାନରେ ପାଟିତୁଣ୍ଡ କରିବା ସହ ପଶୁମାନଙ୍କ ଉପରେ ଅତ୍ୟାଚାର କରାଯାଉଥିବା ନେଇ ଅଭିଯୋଗ ଆଣିଥିଲେ। ଏନେଇ ଚିଡ଼ିଆଖାନା ଅଧିକାରୀଙ୍କ କହିବାନୁଯାୟୀ, ଚିଡ଼ିଆଖାନାରେ ପାଣ୍ଡା ସଂଖ୍ୟା ହ୍ରାସ ପାଉଥିବାରୁ ସେମାନେ ଏଥିପାଇଁ ଏଭଳି ବିକଳ୍ପ ବାଛିଥିଲେ। କୁକୁରଙ୍କ ଲୋମ ମଣିଷ ଭଳି ହୋଇଥାଏ, ତେଣୁ କୁକୁରଙ୍କୁ କୌଣସି ଆଘାତ ନ ପହଞ୍ଚାଇ ସୁରକ୍ଷିତ ଉପାୟରେ ଏହି ରଙ୍ଗ କରାଯାଇପାରିବ। ଏଥି ସହିତ ପର୍ଯ୍ୟଟକଙ୍କୁ ଚିଡ଼ିଆଖାନାକୁ ଆକର୍ଷିତ କରିବା ଭଳି ସେମାନେ କୁକୁରକୁ ପାଣ୍ଡା ରୂପ ଦେଇଥିବା କଥା କହିଛନ୍ତି। ତେବେ ଚୀନ୍‌ରେ ଏଭଳି ଘଟଣା ପ୍ରଥମ ଥର ପାଇଁ ହୋଇ ନାହିଁ କିଛି ବର୍ଷ ପୂର୍ବରୁ ଚୀନ୍‌ରେ ପୋଷା କୁକୁରଙ୍କୁ ପାଣ୍ଡା ପୋଷାକ ପିନ୍ଧାଇ ବିକ୍ରି କରାଯାଉଥିଲା।

## ଆଜିର ରାଶିଫଳ

**ମେଷ:** ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ସିଂହର ଦରବାର





ସୁବ୍ରତ ଦାସ

କୁମ୍ଭୀରଟିଏ ଜଙ୍ଗଲ ପଛପଟେ ଥିବା ନଦୀରେ ରହି ଆସୁଥିଲା। ନିରୀହ ପଶୁ ପକ୍ଷୀମାନେ ପାଣି ପିଇବାକୁ ଗଲେ ଲୁଚିଲୁଚି ଆସି ଶିକାର କରୁଥିଲା। ସେତେବେଳେ ଜଙ୍ଗଲର ରାଜା ସିଂହ ମହାରାଜ ଥିଲେ। ସମସ୍ତ ପଶୁ ପକ୍ଷୀମାନେ ସିଂହ ମହାରାଜଙ୍କ ପାଖରେ ପହଞ୍ଚି ଗୁହାରି କଲେ, ମହାରାଜ! ଆପଣ ଜଙ୍ଗଲର ରାଜା। ସମସ୍ତଙ୍କର ଭଲମନ୍ଦ ସୁଖ,ଦୁଃଖ ବୁଝିବା ଦାୟିତ୍ୱ ଆପଣଙ୍କର। ମାତ୍ର,ଆପଣଙ୍କ ଅଗୋଚରରେ ଦୁଷ୍ଟ କୁମ୍ଭୀରଟିଏ ନଦୀରେ ରହି ନିରୀହ ପ୍ରାଣୀଙ୍କୁ ମାରି ଦେଉଛି। କେଜାଣି କେତେ ପ୍ରାଣୀଙ୍କୁ ଶିକାର କଲାଣି, ତା'ର ହିସାବ ନାହିଁ। ତୁରନ୍ତ ଆପଣ ଏହାର କିଛି ବ୍ୟବସ୍ଥା କରନ୍ତୁ। ସିଂହ ମହାରାଜ ସମସ୍ତ ପଶୁପକ୍ଷୀମାନଙ୍କ ଗୁହାରି ଶୁଣିବା ପରେ ହସ୍ତୀ ମହାରାଜଙ୍କୁ ଖବର ଦେବା ପାଇଁ କହିଲେ। ସଙ୍ଗେ ସଙ୍ଗେ ଚତୁର ବିଲୁଆ, ଠେକୁଆ ଦୁଇଜଣ ହସ୍ତୀ ମହାରାଜଙ୍କ ନିକଟକୁ ଗଲେ ଏବଂ ସିଂହ ମହାରାଜ ଡାକିଛନ୍ତି ବୋଲି ସମ୍ବାଦ ଦେଲେ। ଏତେ ଦିନ ପରେ ସିଂହ ମହାରାଜ ଡାକିବା ଖବର ଶୁଣି ହସ୍ତୀ, ଆଶ୍ଚର୍ଯ୍ୟ ହେଲା ଏବଂ ବିଲୁଆକୁ ଡାକିବାର କାରଣ ପଚାରିଲେ। ମାତ୍ର,ବିଲୁଆ କିଛି ଉତ୍ତର ନ ଦେଇପାରି କହିଲା; ଆଜ୍ଞା,ଆମେ ଛୋଟ ପ୍ରାଣୀ। ଆମ୍ଭେ କିଛି ଜାଣି ନାହୁଁ। ତା' ପରଦିନ ହସ୍ତୀ ସିଂହ ମହାରାଜଙ୍କ ବସାକୁ ଗଲେ। ସେତେବେଳେ ସିଂହ ମହାରାଜଙ୍କ ଦରବାର ଲାଗିଥାଏ। ସବୁ ବଣର ଜୀବଜନ୍ତୁମାନେ ସିଂହ ଚାରିପଟେ ଘେରି ରହିଥାନ୍ତି। ହସ୍ତୀ ମହାରାଜ ଆସିବା କ୍ଷଣି ଭାଲୁ ସିଂହ ମହାରାଜକୁ ଖବର ଦେଲା। ସମସ୍ତେ ହସ୍ତୀ ମହାରାଜଙ୍କୁ ସ୍ୱାଗତ କଲେ। ସଭା ଆରମ୍ଭ ହେଲା। ପ୍ରଥମେ ମୃଗ କୋହଭରା କଣ୍ଠରେ ଅଭିଯୋଗ କଲେ,ହେ ମହାରାଜା! ଗୋଟିଏ ଦୁଷ୍ଟ କୁମ୍ଭୀର ଲୁଚିକି ଆମ୍ଭ ଜଙ୍ଗଲ ନଦୀରେ ରହୁଛି। ଆମ୍ଭର ଶାବକମାନେ ଖେଳକୁଦ କଲାବେଳେ କି ନଦୀରେ ପାଣି ପିଇବାକୁ ଗଲେ, ତାକୁ ଶିକାର କରୁଛି। ଏହିଭଳି ଜଙ୍ଗଲରେ ବହୁ ନିରୀହ ପ୍ରାଣୀଙ୍କୁ ମାରି ଖାଇ ଦେଲାଣି। ସଙ୍ଗେ ସଙ୍ଗେ ଗଧ, ଠେକୁଆ, ହରିଣ ଓ ମାଙ୍କଡ଼ ଏକ ସ୍ୱରରେ କହିଲେ, ହଁ ଆଜ୍ଞା ;ସତକଥା! ଦୁଷ୍ଟ କୁମ୍ଭୀର ପାଇଁ ଆମ୍ଭ ଜଙ୍ଗଲ ଶୂନଶାନ୍ ଦିଶିଲାଣି। ନଦୀରେ ଆଉ ଗୋଟିଏ ବି ମାଛ ନାହାନ୍ତି। ସବୁ ମାରି ଖାଇ ଗଲାଣି। ଭାଲୁ ସମସ୍ତଙ୍କୁ ଶାନ୍ତ ରହିବାକୁ କହିଲା। ବାଘ କହିଲା, ଆପଣ କିଛି ତୁରନ୍ତ ବ୍ୟବସ୍ଥା କରନ୍ତୁ, ନହେଲେ ଏ ନିରୀହ ପ୍ରାଣୀମାନଙ୍କୁ କୁମ୍ଭୀର ମାରି ଖାଇଦେବ। ସିଂହ ମହାରାଜ ମୁଣ୍ଡ ହଲାଇ କହିଲେ, ଆଚ୍ଛା; ଏ ବଦମାସ୍‌କୁ ଦଣ୍ଡ ଦରକାର ! ସଙ୍ଗେ ସଙ୍ଗେ ହସ୍ତୀ ମହାରାଜଙ୍କୁ କହିଲେ,ଗଜରାଜ! ଆପଣ ଏ ଦୁଷ୍ଟ କୁମ୍ଭୀରକୁ ଶିକ୍ଷା ଦିଅନ୍ତୁ। ହସ୍ତୀ ମହାରାଜ କହିଲେ ଆଜ୍ଞା। ହସ୍ତୀ ମହାରାଜ ଚତୁର ବିଲୁଆ, କଜଳପାତି ଓ ହନୁମାଙ୍କଡ଼ ସହ ଆଲୋଚନା କଲେ ଏବଂ ଏକ ଉପାୟ ଚିନ୍ତା କଲେ। ତହିଁ ପରଦିନ ସକାଳୁ ଏକ ହରିଣ ଛୁଆ ନଦୀକୁ ପାଣି ପିଇବାକୁ ଆସିଥାଏ। ସେହି ସମୟରେ ହସ୍ତୀ ମହାରାଜ ଏକ ଗଛମୂଳେ ଲୁଚି ରହିଥାନ୍ତି। ଯେମିତି କୁମ୍ଭୀରଟି ଆସି ହରିଣ ଛୁଆଟିର ଗୋଡ଼କୁ ଟାଣିବାକୁ ଲାଗିଲା, ସଙ୍ଗେ ସଙ୍ଗେ ଗଛ ଉପରେ ହନୁମାଙ୍କଡ଼ ଥାଇ ଖେଁ ଖେଁ ଶବ୍ଦ କଲା। ହସ୍ତୀ ମହାରାଜ ତୁରନ୍ତ ନଦୀ କୂଳକୁ ଦୌଡ଼ି ଯାଇ କୁମ୍ଭୀର ପାଟିକୁ ଶୁଣ୍ଢରେ ଧରି ନଦୀ ଭିତରୁ ଉପରକୁ ଘୋଷାଡ଼ି ଆଣିଲା। କୁମ୍ଭୀର ଭୟରେ ହରିଣ ଛୁଆ ଗୋଡ଼କୁ ଛାଡ଼ି ଦେଲା ଏବଂ ଦୁଲକିନା ନଦୀ କୂଳ ବନ୍ଧ ଉପରେ ପଡ଼ିଲା। ତରବର ହୋଇ କୁମ୍ଭୀରଟି ଘୁଷୁରି ଘୁଷୁରି ନଦୀ ଭିତରକୁ ପଳେଇ ଯିବାକୁ ଚେଷ୍ଟା କରୁଥିବା ବେଳେ ହନୁମାଙ୍କଡ, ହରିଣ, ଗଧ, ଘେରିଗଲେ ଏବଂ ହାତୀ ମହାରାଜ ଆସି ଶୁଣ୍ଢରେ କୁମ୍ଭୀର ପାଟିକୁ ଜାବୁଡ଼ି ଧରି ଟେକି ଟେକି ନେଇ ସିଂହ ମହାରାଜ ପାଖକୁ ନେଇଗଲେ। ବିଚରା କୁମ୍ଭୀରଟି ଛାଟିପିଟି ହେଉଥିଲେ ମଧ୍ୟ ହାତୀ ମହାରାଜ କିଛି ଶୁଣିଲେନି। ଶେଷରେ ସିଂହ ମହାରାଜଙ୍କ ଦରବାରରେ କୁମ୍ଭୀରକୁ ହାଜର କରାଗଲା। ସିଂହ ମହାରାଜ, କୁମ୍ଭୀରକୁ କହିଲେ, ତୁମେ ଯେଉଁ ଅପରାଧ କରିଛ, ତା'ର ଦଣ୍ଡ ତୁମକୁ ଭୋଗିବାକୁ ପଡ଼ିବ। ନିରୀହ ପ୍ରାଣୀମାନଙ୍କୁ ମାରି ତାଙ୍କ ପରିବାରକୁ କଷ୍ଟ ଦେଇଛ। ଯେତେ ଶୀଘ୍ର ତୁମେ ଏ ସ୍ଥାନ ଛାଡ଼ି ଚାଲିଯାଅ, ନଚେତ୍ ସବୁ ପଶୁପକ୍ଷୀମାନେ ମିଶି ତୁମ ପ୍ରାଣ ନେଇଯିବେ। କୁମ୍ଭୀର ନିଜ ପ୍ରାଣ ବଞ୍ଚେଇବା ପାଇଁ ଜୀବନ ବିକଳରେ ସେ ସ୍ଥାନ ଛାଡ଼ି ସଙ୍ଗେ ସଙ୍ଗେ ପଳେଇଲା। ମାତ୍ର ସମସ୍ତଙ୍କ ଆକ୍ରୋଶ ଦେଖି ନିଜ ଜୀବନ ବଞ୍ଚିଗଲା ବୋଲି ଠାକୁରଙ୍କୁ ଡାକି ସ୍ଥାନ ପରିତ୍ୟାଗ କଲା। ଶେଷରେ କୁମ୍ଭୀରଟି ପାନେ ପାଇଲା ବୋଲି ଜଙ୍ଗଲର ସବୁ ପଶୁପକ୍ଷୀମାନେ କୁହାକୁହି ହେଲେ। ■

- ରାଜେନ୍ଦ୍ରପୁର, ଭଦ୍ରକ
ମୋ: ୯୪୩୭ ୭୩୧୯୦୩



## ସୁମନ




### ପ୍ରହେଳି

- ଶୀତ କାଳ ଯେବେ ଜଗତୁ ଯାଏ
  ତା' ବାଆ ସଭିଙ୍କ ମନକୁ ଛୁଏଁ
  ଯେବେ ଖରା ଟାଣ ହୁଅଇ ବେଶୀ
  ଥଣ୍ଡା ପବନ ସେ ଦିଏ ପରଶି
  ବିଜୁଳି ଅଟଇ ତା'ର ଆହାର
  ତା' ପାଇଁ ଗରମୀ ହୁଅଇ ଦୂର
  ଭାରି ଉପକାରୀ ଜିନିଷଟିଏ
  କହି ପାରିବକି ତା'ନାମ କିଏ।
  ଉତ୍ତର-ପଙ୍ଖା

- ମାଟିରେ ତିଆରି ତା'ର ଶରୀର
  ଯତନେ ଗଢ଼ଇ ତାକୁ କୁମ୍ଭାର
  ଖରାଦିନେ ତା'ର ଭାରି ଆଦର
  ପାଣିକୁ ରଖେ ସେ ଅତି ଶୀତଳ
  ତା'ପାଣି ପିଇଲେ ମେଣ୍ଟଇ ଶୋଷ
  କେବେ ନ ଆସଇ ଗଳାରେ କାଶ
  ଏବେ କହିଦିଅ ନାମ ତାହାର
  ଯିଏ କହିଦେବ ସିଏ ଚତୁର।
  ଉତ୍ତର-ମାଠିଆ

- ଖରାଦିନେ ଯେବେ ବିଜୁଳି କଟେ
  ଶୋଭାପାଏ ସିଏ ସଭିଙ୍କ ହସ୍ତେ
  କେଁ...କେଁ...କରି ବୁଲଇ ସିଏ
  ଶୀତଳ ପବନ ପରଶି ଦିଏ
  ତାଳପତ୍ର ଅବା ବୁଣା କପଡ଼ା
  ହୋଇଥାଏ ତା'ର ଶରୀର ଗଢ଼ା
  ତା'ଥଣ୍ଡା ପବନ ମଶା ମାଛିଙ୍କୁ
  ଘଉଡ଼ାଇ ଦିଏ ଦୂର ଦୂରକୁ
  ଗରମ ଖାଦ୍ୟକୁ କରେ ଶୀତଳ
  କହିଦିଅ ତା'ର ନାମ ଚଞ୍ଚଳ।
  ଉତ୍ତର-ବିଞ୍ଚଣା



- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର,
ମୋ-୭୩୫୫୬୩୪୩୪୬

### ଗାଁ





ସ୍ନେହଲତା ଦାସ ଲେଙ୍କା

ଏପାଖେ ପାହାଡ଼ ସେପାଖେ ପାହାଡ଼
ମଝିରେ ମୋର ଗାଁ
ସବୁଜ ବନାନୀ ଶାଗୁଆ କ୍ଷେତ
ଉପୁଳା ତା'ର ନାଁ
ଧାଡ଼ିକି ଧାଡ଼ି ଘରର ସଜା
ରାସ୍ତା ଦୁଇଧାରେ
ଗୀତା ଭାଗବତ ପୋଥି ପୁରାଣ
ଟୁଙ୍ଗିରେ ଶୁଭୁଥାଏ
ସୂରୁଜ ନନା ନିଦରୁ ଉଠେ
ମନ୍ଦିର ଘଣ୍ଟା ଶୁଣି
ବୋଉ ବାଢ଼ିଦିଏ ପଖାଳକଂସା
ବଡ଼ି ଲଙ୍କାର ଝୁରି
ଜେଜୀମା କରେ କେତେ ପରବ
କାର୍ତ୍ତିକ ପୁନେଇଁ ହବିଷ
ଶାମ୍ବ ଦଶମୀ ଜହ୍ନି ଓଷା
ଭୋଗ ଖାଉ ଆମେ ହୋଇ ହରଷ
ସଞ୍ଜ ପହରେ ଦାଣ୍ଡ ଦୁଆରେ
ବିଛେଇ ଦେଇ ସପ
ଜେଜେ ଆମକୁ କହନ୍ତି କେତେ
ନୂଆ କାହାଣୀ ଗପ
ମୋ ଗାଁରେ ଜହ୍ନ ଜୋଛନା
ହସଇ କିରିକିରି
ସୁଲୁସୁଲିଆ ପବନ ବୋହେ
ମୋହଇ ଥିରିଥିରି
ଆସରେ ଆସ ଆସ ସଙ୍ଗାତ
ଗାଁକୁ ବୁଲିଯିବା
ବିଦେଶ ମାଟି ମୋହରେ ପଡ଼ି
ମାଟି ମା' କୁ ନ ଭୁଲିବା। ■

ଭୁବନେଶ୍ୱର
ମୋ- ୭୦୦୮ ୩୧୪୫୬୫



### ସକାଳ ଶିଶୁ କୁଇଜ୍-୧୧୮

(୧)'ଚନ୍ଦ୍ରପ୍ରଭା' ଅଭୟାରଣ୍ୟ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର : ____________

(୨) କେବେ ଭାରତରେ ପ୍ରଥମେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା?
ଉତ୍ତର : ____________

(୩) ସ୍ନାନପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତି କେତେ ଗରା ଜଳରେ ସ୍ନାନ କରନ୍ତି?
ଉତ୍ତର : ____________

(୪) ବରେହିପାଣି ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ରହିଛି?
ଉତ୍ତର : ____________


(୫) 'ତପସ୍ୱିନୀ' କାବ୍ୟର ରଚୟିତା କିଏ?
ଉତ୍ତର : ____________


ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ ବଡ୍ଡୁ, ବସ୍ତା, ବାଲେଶ୍ୱର
- ଅର୍ପିତା ସାହୁ, ଆନନ୍ଦପୁର ,କେନ୍ଦୁଝର
- ଅପୂର୍ବ ରଞ୍ଜନ ବେହେରା, ପାଲଲହଡ଼ା

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

### ତୁଳି











**ସୋମ ଆଶୀର୍ବାଦ ତ୍ରିପାଠୀ**
ସପ୍ତମ ଶ୍ରେଣୀ
ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ
ଭୁବନେଶ୍ୱର



**ଶ୍ରେୟସୀ ପାଣିଗ୍ରାହୀ**
ସପ୍ତମ ଶ୍ରେଣୀ
ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲ୍
ସମ୍ବଲପୁର



**ଗୁଞ୍ଜନ ଚନ୍ଦନ**
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭବାନୀପାଟଣା, କଳାହାଣ୍ଡି



**ସିଦ୍ଧିସ୍ମା ବିଦ୍ଧାଣୀ**
ଅଷ୍ଟମ ଶ୍ରେଣୀ
ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ
ଭୁବନେଶ୍ୱର

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

**କେନ୍ଦ୍ର, ଆର୍‌ବିଆଇକୁ ଜବାବ ମାଗିଲେ ସୁପ୍ରିମକୋର୍ଟ**

# ଏସିଡ୍ ପୀଡ଼ିତାଙ୍କ 'କେୱାଇସି' କେମିତି ହେବ

■ **ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି):** ଏସିଡ୍ ଆକ୍ରମଣର ଶିକାର ମହିଳାଙ୍କ ନୋ ୟୋର କଷ୍ଟୋମର (କେୱାଇସି)କୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ଆଇଟି ମନ୍ତ୍ରାଳୟଙ୍କୁ ନୋଟିସ ଜାରି କରିଛନ୍ତି। ପୀଡ଼ିତାଙ୍କୁ କେୱାଇସି କେମିତି କରାଯିବ ତାହାକୁ ନେଇ ସମସ୍ତଙ୍କୁ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୯ ଜଣ ଏସିଡ୍ ପୀଡ଼ିତା ଏହି ଆବେଦନ ଦାଏର କରିଥିଲେ। ଆକ୍ରମଣରେ ଆଖି ହରାଇଥିବା ପୀଡ଼ିତାଙ୍କ ପାଇଁ ଅନ୍ୟ ଉପାୟରେ ଡିଜିଟାଲ କେୱାଇସି କରିବାକୁ ଏଥିରେ ଦାବି କରାଯାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାରଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଶୁଣାଣି କରି କହିଛନ୍ତି ଯେ ଏହି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଉପରେ ଶୁଣାଣି କରାଯିବ। ଆବେଦନରେ କୁହାଯାଇଛି ଯେ ପୀଡ଼ିତାଙ୍କୁ ସିମ୍ କିଣିବାରେ, ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ସମସ୍ୟା ସାମ୍ନା କରିବାକୁ ପଡୁଛି। ଏହା ସହିତ ଦୈନନ୍ଦିନ ଜୀବନରେ ସମ୍ମାନ, ସ୍ୱାଧୀନତା, ସମାନତାର ସହ ଜୀବନଧାରଣ ପାଇଁ ଜରୁରୀ ହେଉଥିବା ସାମଗ୍ରୀ ଲାଗି ସମସ୍ୟା ଭୋଗୁଛନ୍ତି। କେୱାଇସିରେ ଲାଇଭ ଫଟୋଗ୍ରାଫର ଆବଶ୍ୟକତା ନେଇ କେନ୍ଦ୍ର ସରକାରଙ୍କୁ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କରାଯାଇଛି। ଆଖି ପତା ପକାଇବା ବଦଳରେ ଫେସିଆଲ ମୁଭମେଣ୍ଟ ଏବଂ ଭଏସ ରିକଗନେସନକୁ ସାମିଲ କରିବା ପାଇଁ ନିବେଦନ କରାଯାଇଛି।

◆VOLUME- 41 ◆ISSUE-321 ◆BHUBANESWAR ◆SATURDAY ◆18 MAY 2024 ◆PAGE-8+8 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୩୨୧ ◆ଭୁବନେଶ୍ୱର ◆ଶନିବାର ◆୧୮ ମେ ୨୦୨୪ ◆ପୃଷ୍ଠା-୮+୮ ◆ଟ.୬.୦୦




ମିଉଜିୟମ୍ ଦେଖିବାର ଉଦ୍ଦେଶ୍ୟ ହେଲା ସତ୍ୟ ଓ ସୁନ୍ଦର ର ଅନୁସନ୍ଧାନ ତଥା ଜୀବନର ଅର୍ଥ ଖୋଜିବା। ମିଉଜିୟମ ବାରମ୍ବାର ଯିବା ଉଚିତ୍ !
-ମାଇରା କାଲମାନ



ସକାଳ
THE SAKALA

# ବିଶାଳକାୟ ବିଜ୍ଞାପନ ଢାଞ୍ଚାର ବିପତ୍ତି

ନିକଟରେ ମୁମ୍ବାଇର ଘାଟକୋପର ଅଞ୍ଚଳରେ ଏକ ବିଶାଳ ହୋର୍ଡିଂ କାଳବୈଶାଖୀ ପ୍ରଭାବରେ ଭାଙ୍ଗି ପଡ଼ିବାରୁ ୧୬ ଜଣଙ୍କର ମୃତ୍ୟୁ ଘଟିବା ସହିତ ପ୍ରାୟ ଏକଶହ ଆହତ ହୋଇଛନ୍ତି। ବର୍ଷା ପବନ ସମୟରେ ଏକ ପେଟ୍ରୋଲ ପମ୍ପରେ ଆଶ୍ରୟ ନେଇଥିବା ଲୋକଙ୍କ ଉପରେ ଏହି ପ୍ରକାଣ୍ଡ ଲୌହନିର୍ମିତ ବିଜ୍ଞାପିତ ଢାଞ୍ଚାଟି ଭାଙ୍ଗି ପଡ଼ିବାରୁ ଏହି ଅଘଟଣ ଘଟିଛି। ଏଥିରେ ଅନେକ ମୋଟରଗାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହି ହୋର୍ଡିଂଟି ଘରୋଇ ଜାଗାରେ ପୌର ନିଗମର ଅନୁମତିରେ ନିର୍ମିତ ହୋଇଥିଲା। ଏହାର ଆକାର ଥିଲା ୧୨୦ ଫୁଟ୍ ଲମ୍ବ ଓ ୧୨୦ ଫୁଟ୍ ଓସାର ଆକାରର, ଯାହା ଅନୁମୋଦିତ ୪୦ ଫୁଟ୍ ଲମ୍ବା ଓ ୪୦ ଫୁଟ ଚଉଡ଼ା ମାପଠାରୁ ତିନିଗୁଣ ବଡ଼। ବିଡ଼ମ୍ବନାର ବିଷୟ ଏହି ଯେ ଏହି ବିଶାଳକାୟ ବିଜ୍ଞାପନ ବୋର୍ଡ ବିଶ୍ୱର ସର୍ବବୃହତ୍ ବିଜ୍ଞାପନ ଢାଞ୍ଚା ଭାବେ ଗିନିସ୍ ରେକର୍ଡ ବୁକ୍‌ରେ ସ୍ଥାନ ପାଇଥିଲା। ଏତେବଡ଼ ଢାଞ୍ଚାଟି ମାତ୍ର ୫୦ କିମି ବେଗରେ ପବନରେ ଭୁଶୁଡ଼ି ପଡ଼ିବା ଘଟଣା ପ୍ରମାଣିତ କରୁଛି ଯେ ଏହାର ନିର୍ମାଣ ସୁଦୃଢ଼ ହୋଇନଥିଲା ତଥା ବେଆଇନ ଭାବେ କରାଯାଇଥିଲା।

ଏହି ଘଟଣା ପରେ ଦେଶବ୍ୟାପୀ ହୋର୍ଡିଂ ଫ୍ରେମ୍‌ଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଓଡ଼ିଶାରେ ମଧ୍ୟ ଏହି ତନଖି କାର୍ଯ୍ୟ ଚାଲିଛି। ଏଭଳି ଘଟଣା ଘଟିବା ଭାରତରେ ନୂଆ ନୁହେଁ। ଗତାନୁଗତିକ ଧାରାରେ ତଦନ୍ତ ହେବ, କିଛି ଲୋକ ଦୋଷୀ ସାବ୍ୟସ୍ତ ହୋଇ ଅଳ୍ପକାଳ ଜେଲ୍‌ଦଣ୍ଡ ଭୋଗି ଜୋରିମାନା ଦେବା ସହ ଖଲାସ ହେବେ। ଯେଉଁମାନେ ମୃତାହତ ହୋଇଛନ୍ତି ସେମାନଙ୍କ ପାଇଁ କିଛି କ୍ଷତିପୂରଣ ବ୍ୟବସ୍ଥା ସରକାର କରିବେ। ତା'ପରେ ସବୁକଥା ସମସ୍ତେ ଭୁଲିଯିବେ। ଲୋକଙ୍କ ସ୍ମରଣ ଶକ୍ତି ଅତିକମ୍। ସେମାନଙ୍କ ମନରୁ ଏ ଘଟଣା ସମୟକ୍ରମେ ଲିଭିଯିବ। ପୁନର୍ବାର ଏଭଳି ଘଟଣା ଘଟିବ ଏବଂ ସେଇ ନାଟକୀୟ ଚକ୍ରର ପୁନରାବୃତ୍ତି ହେବ। ଭାରତର ବ୍ୟବସାୟିକ ରାଜଧାନୀ ମୁମ୍ବାଇ ନଗରୀରେ ବହୁ ଉଚ୍ଚ ଅଟ୍ଟାଳିକାମାନଙ୍କରେ ବିଭିନ୍ନ ସମୟରେ ଅଗ୍ନିକାଣ୍ଡ ଘଟି ବହୁ ଧନଜୀବନ ହାନି ଘଟୁଛି ଏବଂ ଗତାନୁଗତିକ ଧାରାରେ ମାମଲାର ପୁଲିସ୍ ଯାଞ୍ଚ ହୋଇ ଦଣ୍ଡବିଧାନ କରାଯାଉଛି। ସେହିଭଳି ବର୍ଷାଋତୁରେ ମୁମ୍ବାଇ ନଗରୀର ବହୁ ଅଞ୍ଚଳ ସମ୍ୟକ୍ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଜଳମଗ୍ନ ହୋଇ ରହୁଛି ଏବଂ ଖୋଲା ଡ୍ରେନ୍ ତଥା ପାଣିଭର୍ତ୍ତି ହୋଇଥିବା ଗାତ ଭିତରେ ପଡ଼ି ଅନେକ ଲୋକଙ୍କର ପ୍ରାଣହାନି ଘଟୁଛି। ଏଭଳି ଦୁର୍ଘଟଣା ମଧ୍ୟ କ୍ରମାନ୍ୱୟ ଭାବେ ପ୍ରତିବର୍ଷ ଘଟି ଉଭୟ ଜନସାଧାରଣ ଓ ପ୍ରଶାସନ ପାଇଁ ଦେହସୁହା ହୋଇସାରିଲାଣି। ଏଭଳି ପ୍ରଶାସନିକ ଅବହେଳା ସୂତ୍ରରୁ ଘଟୁଥିବା ଦୁର୍ଘଟଣାଗୁଡ଼ିକ ସହିତ ଏବେ ଆଉ ଗୋଟିଏ ଯୋଡ଼ଇ ହେଲା, ବିଶାଳକାଳ ବେଆଇନ୍ ବିଜ୍ଞାପନ ଢାଞ୍ଚା ଖସିପଡ଼ି ମୂଲ୍ୟବାନ ଜୀବନ ନଷ୍ଟ କରିଛି।

ଏଭଳି ଘଟଣାରେ ପ୍ରକୃତ ଉତ୍ତରଦାୟୀ କିଏ? ଆମ ଜାଣିବାରେ ସ୍ଥାନୀୟ ନିଗମ ଓ ପୌରସଂସ୍ଥାମାନ ରାଜସ୍ୱ ବୃଦ୍ଧି ପ୍ରୟାସରେ ଏଭଳି ପ୍ରକାଣ୍ଡ ପ୍ରକାଣ୍ଡ ଲୋହ ଢାଞ୍ଚା ରାସ୍ତାକଡ଼, ଗୁରୁତ୍ୱପୂର୍ଣ୍ଣ ଛକ ଜାଗା ଓ ସର୍ବସାଧାରଣ ସ୍ଥାନରେ ବିଜ୍ଞାପନ ପାଇଁ ବିଭିନ୍ନ ବ୍ୟବସାୟିକ ସଂସ୍ଥାମାନଙ୍କୁ ନିଲାମ ଆକାରରେ ଦେଇଥା'ନ୍ତି। ହେଲେ ଏହାର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାର ନିର୍ଦ୍ଧାରିତ ନୀତି ନିୟମ ଓ ମାନ ଅନୁସାରେ ଏହା ତିଆରି କରିଛନ୍ତି କି ନାହିଁ ତାହାର ବୋଧହୁଏ ଉପଯୁକ୍ତ ଯାଞ୍ଚ ହୁଏନାହିଁ। ତାହା ଘଟିଲେ ଏଭଳି ବିଶାଳକାୟ ଢାଞ୍ଚା ସାମାନ୍ୟ ପବନରେ ଭାଙ୍ଗି ପଡ଼ନ୍ତାନାହିଁ। ଆମର ପ୍ରକୃତି ହେଲା ଚୋର ପଳାଇ ଯିବା ପରେ ଆମକୁ ବୁଦ୍ଧି ଦେଖାଯାଏ। ତା'ପରେ କିଛିଦିନ ଗଲେ ଆମେ ସହଜରେ ପାଶୋରୀ ଦେଉ।

ଭାରତ ଏବେ ଦ୍ୱୈତ ସମସ୍ୟାର ସମ୍ମୁଖୀନ। ଦେଶରେ ସହରାୟନ ବଢ଼ୁଛି ଏବଂ ଦେଶ ଏକ ବଡ଼ ଖାଉଟି ବଜାର ହୋଇଥିବାରୁ ଖାଉଟି ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀର ବିଜ୍ଞାପନ ପାଇଁ ବ୍ୟାବସାୟିକ ସଂସ୍ଥା ତଥା କମ୍ପାନୀମାନେ ସେହି ଅସୁରକ୍ଷିତ ଏବଂ ସ୍ଥଳବିଶେଷରେ ବେଆଇନ ଭାବେ ନିର୍ମିତ ଢାଞ୍ଚାରେ ବିଜ୍ଞାପନ ହୋର୍ଡିଂ ଲଗାଉଛନ୍ତି। ଆମ ସହରର ଖାଲି ସ୍ଥାନ ସବୁ ଏବେ ହୋର୍ଡିଂରେ ଆଚ୍ଛାଦିତ। ଏପରିକି ବିଜୁଳି ଓ ଟେଲିଫୋନ୍ ଖୁଣ୍ଟିଗୁଡ଼ିକ ମଧ୍ୟ କେବଲ ଏବଂ ବିଜ୍ଞାପନ ବୋର୍ଡର ବୋଝରେ ଭାରାକ୍ରାନ୍ତ ତଥା ବିପଦାପନ୍ନ ଭଳି ଦେଖାଯାଆନ୍ତି। ଅର୍ଥ ରୋଜଗାର ପ୍ରୟାସରେ ସାଧାରଣ ଜନତାର ଜୀବନ ପ୍ରତି କର୍ତ୍ତୃପକ୍ଷ ସାମାନ୍ୟ ନଜର ଦେଉନାହାନ୍ତି କିମ୍ବା ଆଞ୍ଚଳିକ ଜନ ପ୍ରତିନିଧି ତଥା ସାଧାରଣ ଜନତା ମଧ୍ୟ ପ୍ରତିବାଦର ସ୍ୱର ଉଠାଉ ନାହାନ୍ତି। ଗଣମାଧ୍ୟମ ସଂସ୍ଥାମାନେ ମଧ୍ୟ ସାମୟିକ ଦୁର୍ଘଟଣା ସମ୍ବାଦ ପ୍ରକାଶ କରି ନିଜର ସାମାନ୍ୟତମ କର୍ତ୍ତବ୍ୟ ତୁଲାଇ ଦେଉଛନ୍ତି। ଏହା ଏକ ଗୁରୁତର ସମସ୍ୟା ଏବଂ ଏହାଦ୍ୱାରା ନାଗରିକମାନଙ୍କର ମୌଳିକ ଅଧିକାର ହନନ ହେଉଛି। ଏଥିପାଇଁ କେନ୍ଦ୍ରୀୟ ସ୍ତରରେ ସୁରକ୍ଷା ନିୟମ କରାଯିବା ଜରୁରୀ।

ଆମ ଓଡ଼ିଶା କଥା ଦେଖିବା। ଆମ ରାଜ୍ୟ ବାତ୍ୟା, କାଳବୈଶାଖୀ ଓ ଧୂଳିଝଡ଼ ପ୍ରବଣ। ତେଣୁ ରାଜ୍ୟର ପୂର୍ବ-ପଶ୍ଚିମ, ଉତ୍ତର-ଦକ୍ଷିଣ କୌଣସି ଭାଗ ପ୍ରକାଣ୍ଡ ହୋର୍ଡିଂ ନିର୍ମାଣ ପାଇଁ ନିରାପଦ ନୁହେଁ। ସହରଭିତରେ ଏଥିପାଇଁ ତ ଆଦୌ ଅନୁମତି ଦିଆଯିବା ଅନୁଚିତ। ଆମ ପୌର ନିଗମ ଓ ନଗରପାଳିକାମାନଙ୍କର ଆୟ ଉତ୍ସ ମନ୍ଦ ନୁହେଁ। ସେମାନଙ୍କୁ ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ କେନ୍ଦ୍ରରୁ ମଧ୍ୟ ଅଧିକ ସହାୟତା ମିଳୁଛି। ରାଜ୍ୟ ସରକାର ମଧ୍ୟ ଏସବୁ ସ୍ଥାନୀୟ ସଂସ୍ଥାକୁ ପ୍ରଚୁର ଅର୍ଥ ଯୋଗାଉଛନ୍ତି। ଏଭଳି ସ୍ଥଳେ ଆଉ କିଛି ଅତିରିକ୍ତ ରାଜସ୍ୱ ପାଇଁ ବିପଜ୍ଜନକ ଭାବେ ହୋର୍ଡିଂ ଷ୍ଟାଣ୍ଡ ନିର୍ମାଣର ଅନୁମତି ଦେଇ ସର୍ବସାଧାରଣ ନିରାପତ୍ତାକୁ ବିପନ୍ନ କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ। ବ୍ୟାବସାୟିକ ଅର୍ଥନୀତିର ସ୍ୱାତନ୍ତ୍ର୍ୟ ତଥା ବଜାର ବ୍ୟବସ୍ଥାର ତର୍କରେ ଭାସି ଯାଇ ତଥା ବ୍ୟବସାୟଗତ ସ୍ୱାଧୀନତାର ଦ୍ୱାହି ଦେଇ ଆମ ଦେଶରେ ସମ୍ପ୍ରତି ବଡ଼ ବଡ଼ ବିଜ୍ଞାପନ ସଂସ୍ଥାମାନେ କେବଳ ରାଜରାସ୍ତା କଡ଼ରେ ବା କୋଠାବାଡ଼ି ଉପରେ ବିଶାଳକାୟ ବିଜ୍ଞାପନ ଢାଞ୍ଚା ଦ୍ୱାରା ଜନଜୀବନ ବିପନ୍ନ କରୁଛନ୍ତି ଏଥିରେ ସନ୍ଦେହ ନାହିଁ। ଏହାସହିତ ଟିଭି, ରେଡିଓ, ସମ୍ବାଦପତ୍ର, ଡିଜିଟାଲ୍ ମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଆଦିରେ ରଙ୍ଗୀନ ଓ କୋଳାହଳମୟ ମ୍ୟାଜିକ ଦୁନିଆ ସୃଷ୍ଟି କରି ଚାଲିଛନ୍ତି। ଶିଶୁ ଖାଦ୍ୟ ହେଉ, ସ୍ୱାସ୍ଥ୍ୟକର ଖାଦ୍ୟପାନୀୟ ନାଁରେ ହେଉ ବା ବିଭିନ୍ନ ସମସ୍ୟାର ମ୍ୟାଜିକ୍ ସମାଧାନ ହେଉ ବିଜ୍ଞାପନ ଦୁନିଆରେ ଅତିଶୟୋକ୍ତି ଓ ଆଇନର ନିୟନ୍ତ୍ରଣକୁ ଆଖିମିଟିକା ମାରିବା ସାଧାରଣ କଥା ହୋଇଗଲାଣି। ନାଗରିକ ସୁରକ୍ଷାର ଏଭଳି ସ୍ପଷ୍ଟ ଦିବାଲୋକରେ ଉପେକ୍ଷା ଓ ହନନକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନିକ ଅନୁଷ୍ଠାନ ସମ୍ପୂର୍ଣ୍ଣ ବିଫଳ ତଥା ଗଣମାଧ୍ୟମ ଓ ବିଜ୍ଞାପନ ଉଦ୍ୟୋଗ ଦ୍ୱାରା ଆତ୍ମନିୟନ୍ତ୍ରଣର ବାହାଦୂରୀ ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣିତ ହେଲାଣି। ଆଉ କେତେଦିନ ଏଭଳି ବିଜ୍ଞାପନର ସ୍ୱେଚ୍ଛାଚାରୀ ପରିବେଶକୁ ପ୍ରଶ୍ରୟ ଦିଆଯିବ?

ବ୍ୟବସାୟୀ ଓ କମ୍ପାନୀମାନେ ନିଜ ସାମଗ୍ରୀର ବିଜ୍ଞାପନ ପାଇଁ ଏଭଳି ହୋର୍ଡିଂ ଲଗାଇବାକୁ ପ୍ରଚୁର ଅର୍ଥ ଖର୍ଚ୍ଚ କରିବାକୁ ଚାହିଁବେ। ଏହାଦ୍ୱାରା ସେମାନଙ୍କର କାରବାର ଓ ଆୟ ବଢ଼ିବ। ତେବେ ସେମାନଙ୍କୁ ଏଥିପାଇଁ ଅନୁମତି ଦେବା ବେଳେ ଉପଯୁକ୍ତ ନିରାପଦ ସ୍ଥାନ, ଢାଞ୍ଚାଗତ ସୁରକ୍ଷା, ନିର୍ମାଣର ମାନ ଓ ଏ ସଂକ୍ରାନ୍ତ ଆଇନଗତ ଦାୟିତ୍ୱକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଆବଶ୍ୟକ। ଆହୁରି ମଧ୍ୟ ନିୟମିତ ବ୍ୟବଧାନରେ ପୁଲିସ୍ ବେଆଇନ ହୋର୍ଡିଂ ଓ ଷ୍ଟ୍ରକ୍‌ଚର ଉପରେ ଚଢ଼ାଉ କରି ସେ ସବୁକୁ ଉଚ୍ଛେଦ କରିବା ଆବଶ୍ୟକ। ସର୍ବସାଧାରଣ ନିରାପତ୍ତା ସବୁଠୁ ଉପରେ। ଏହାସହିତ କଦାପି ବୁଝାମଣା କରିହେବ ନାହିଁ।

# କଳା ହୀରାର କଥା



**ପ୍ରଦୀପ୍ତ କୁମାର କର**
ଭୁବନେଶ୍ୱର, ମୋ: ୯୮୬୧୦୭୫୪୦୪

ହଜାର ହଜାର ବର୍ଷ ଆଗରୁ ବିଭିନ୍ନ ସମୟରେ ଅନେକ ଭୂମିକମ୍ପ ଓ ଆଗ୍ନେୟ ଉଦ୍‌ଗୀରଣ ଦ୍ୱାରା ଅନେକ ବଡ଼ ବଡ଼ ଗଛ, ବହୁସଂଖ୍ୟକ ପ୍ରାଣୀ ମାଟି ତଳେ ପୋତି ହୋଇଗଲେ। ମାଟିର ଚାପ ଦ୍ୱାରା କ୍ରମଶଃ ସେଗୁଡ଼ିକ ପଥର କୋଇଲାରେ ପରିଣତ ହୋଇଗଲେ। ପରବର୍ତ୍ତୀ ସମୟରେ ସେଗୁଡ଼ିକ ମାନବର ବ୍ୟବହାରରେ ଆସିଲା ଏବଂ ଏବେ ତାହା ଇନ୍ଧନର ଅନ୍ୟତମ ପ୍ରମୁଖ ମାଧ୍ୟମ ହୋଇଛି।

ପ୍ରାୟ ୩୦୦୦ ବର୍ଷ ପୂର୍ବେ ପ୍ରଥମେ ଚୀନ୍‌ବାସୀ କୋଇଲାର ଉତ୍ତୋଳନ ଓ ବ୍ୟବହାର ଆରମ୍ଭ କରିଥିଲେ। ତା' ପରେ ରୋମ୍‌ବାସୀ କୋଇଲାର ବ୍ୟବହାର କରିଥିବା ଜଣାଯାଏ। ଭାରତରେ ବ୍ୟାବସାୟିକ କୋଇଲାର ଇତିହାସ ପ୍ରାୟ୨୨୦ବର୍ଷ ତଳର। ଏହା ପ୍ରଥମେ ଇଷ୍ଟ ଇଣ୍ଡିଆ କମ୍ପାନୀ ପରିଚାଳନାରେ ୧୭୭୪ରେ ମେସର୍ସ ସମର ଆଣ୍ଡ ହାଟଲଙ୍କ ଦ୍ୱାରା ଦାମୋଦର ନଦୀ ଉପତ୍ୟକାର ରାଣୀଗଞ୍ଜ କୋଇଲା ଖଣିରୁ ଆରମ୍ଭ ହୋଇଥିଲା। କିନ୍ତୁ ସେତେବେଳେ କୋଇଲାର ଚାହିଦା ଏତେ ନଥିବାରୁ ଏକବର୍ଷ ପର୍ଯ୍ୟନ୍ତ କୋଇଲା ଉତ୍ତୋଳନ ପ୍ରାୟତଃ ସ୍ଥାଣୁ ଅବସ୍ଥାରେ ରହିଗଲା। ୧୮୫୩ରେ ଷ୍ଟିମ୍ ଇଞ୍ଜିନ୍ ଚଳାଇବା ପାଇଁ କୋଇଲା ଆବଶ୍ୟକତା ଅନୁଭବ ହେବାରୁ ଉକ୍ତ କମ୍ପାନୀର କାରବାରରେ ସୁଧାର ଆସିଲା। ମେସର୍ସ ସମର ଆଣ୍ଡ ଆଟଲ୍‌ଙ୍କ ସଂସ୍ଥାର ବାର୍ଷିକ ଉତ୍ପାଦନ ୧ ନିୟୁତ ଟନରୁ ବୃଦ୍ଧି ପାଇ ୧୯୦୦ରେ ବାର୍ଷିକ ୬.୧୨ ନିୟୁତ ଟନରେ ପହଞ୍ଚିଲା ଏବଂ ୧୯୨୦ରେ ୧୮ ନିୟୁତ ଟନ୍‌କୁ ବୃଦ୍ଧି ପାଇଲା।

ଦୁଇଦୁଇଟି ବିଶ୍ୱଯୁଦ୍ଧ ସମୟରେ ସମସ୍ତ ଘାତପ୍ରତିଘାତ ସତ୍ତ୍ୱେ ଉକ୍ତ ସଂସ୍ଥା୧୯୪୨ରେ ୨୯ ନିୟୁତ ଟନ ଓ ୧୯୪୬ ରେ ୩୦ ନିୟୁତ ଟନ କୋଇଲା ଉତ୍ପାଦନ ଓ ପରିବହନ କରିଥିଲା। ଭାରତ ସ୍ୱାଧୀନତା ଲାଭ କରିବା ପରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାଳରେ ଏହି ସଂସ୍ଥାର କୋଇଲା ଉତ୍ପାଦନ ୩୩ ନିୟୁତ ଟନ୍‌ରେ ପହଞ୍ଚି ପାରିଥିଲା। ପରବର୍ତ୍ତୀ ସମୟରେ କୋଇଲା ଉତ୍ପାଦନ ପାଇଁ ସୁବିଧାଜନକ ଓ ବୈଜ୍ଞାନିକ ପ୍ରଣାଳୀ ଉପଯୋଗ କରିବା ପାଇଁ ୧୯୫୬ ମସିହାରେ ନ୍ୟାସନାଲ କୋଲ ଡେଭଲପମେଣ୍ଟ କର୍ପୋରେସନ ସ୍ଥାପନ କରାଗଲା, ଯାହାକି ଭାରତ ସରକାରଙ୍କ କର୍ତ୍ତୃତ୍ୱାଧୀନ ଥିଲା। ସେତେବେଳେ ରେଳ ବିଭାଗକୁ କୋଇଲା ଯୋଗାଣ ପାଇଁ ନୂଆ ନୂଆ ଖଣି ସନ୍ଧାନ କରାଗଲା ଏବଂ ସେଗୁଡ଼ିକର ପରିଚାଳନା ରେଳ ବିଭାଗ ଅଧୀନରେ ଥିଲା। ପରବର୍ତ୍ତୀ ସମୟରେ ସେହିସବୁ କୋଇଲା ଖଣିଗୁଡ଼ିକର ଉନ୍ନତିକରଣ ପାଇଁ ଭାରତୀୟ କୋଇଲା ଶିଳ୍ପ ସ୍ଥାପନ କରାଗଲା। ଏହାସହିତ ଆନ୍ଧ୍ର ସରକାରଙ୍କ ଅଧୀନରେ ଥିବା ସିଂଘରାଣୀ କୋଇଲା ଲିମିଟେଡ୍ ୧୯୫୬ ମସିହାରେ କେନ୍ଦ୍ର ସରକାରଙ୍କ ଅଧୀନକୁ ଆସିଲା।

ବର୍ତ୍ତମାନ ଭାରତରେ କୋଇଲା ଖଣିଗୁଡ଼ିକରୁ ଉତ୍ପାଦନ ହେଉଥିବା କୋଇଲା ବିଭିନ୍ନ କମ୍ପାନୀ, ଶକ୍ତି ପ୍ରକଳ୍ପ ଓ ସାଧାରଣ ଲୋକଙ୍କ ଜାଳେଣି ପାଇଁ ବ୍ୟବହୃତ ହେଉଛି। ୧୯୭୧ ମସିହାରେ ଟିସ୍‌କୋ ଓ ଇସ୍‌କୋ ପରି ଅନେକ କୋଇଲା ଉତ୍ତୋଳନ କମ୍ପାନୀ ଭାରତ ସରକାରଙ୍କ ପରିଚାଳନାଧୀନ ହେଲା। ଏଥିସହିତ ଭାରତ କୁକିଂ କୋଲ ଲିମିଟେଡ ନାମକ ଏକ ନୂତନ କମ୍ପାନୀ ଗଠନ କରାଗଲା, ଯାହାକି ଷ୍ଟିଲ ଆଥରିଟି ଅଫ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ହେଲା। ସେହିପରି ୧୯୭୨ ମସିହାରେ ଆରମ୍ଭ ହୋଇଥିବା ଜାତୀୟକରଣ ନୀତି ଅଧୀନରେ ଦେଶର ବିଭିନ୍ନ ଅଞ୍ଚଳରେ ପରିଚାଳିତ ୭୧୧ଟି କୋଇଲା ଖଣିକୁ ଭାରତ ସରକାର ୧୯୭୩ରେ ନିଜ ନିୟନ୍ତ୍ରଣକୁ ନେଇଗଲେ। ସେହିସବୁ ଖଣିକୁ ଗୋଟିଏ ଛାତ ତଳେ ରଖିବା ପାଇଁ ତାହାର ନାମ ଦିଆଯାଇଥିଲା 'ଇଣ୍ଡିଆନ୍ କୋଲ ମାଇନ୍ସ ଅଥରିଟି ଲିମିଟେଡ(ଆଇସିଏମଏଏଲ୍)'। ଏହାର ମୁଖ୍ୟାଳୟ କଲିକତାରେ ରହିଲା। ଆଇସିଏମଏଏଲ୍ ପରିଚାଳନାର ସୁବିଧା ପାଇଁ ସେଣ୍ଟ୍ରାଲ ଡିଭିଜନ, ଇଷ୍ଟର୍ନ ଡିଭିଜନ, ୱେଷ୍ଟର୍ନ ଡିଭିଜନ ଓ ସେଣ୍ଟ୍ରାଲ ମାଇନ୍ସ ପ୍ଲାନିଂ ଡିଭିଜନ ନାମରେ ୪ଗୋଟି ମଣ୍ଡଳ ସୃଷ୍ଟି କଲା। ସେଥିରେ ଆଉ କିଛି ପରିବର୍ତ୍ତନ ହୋଇ ୧୯୭୫ରେ 'କୋଲ ଇଣ୍ଡିଆ ଲିମିଟେଡ' ସୃଷ୍ଟି ହେଲା।

କୋଲ୍ ଇଣ୍ଡିଆ ଲିମିଟେଡ୍ ଗଠନ ହେବା ପରେ ଅନେକ କୋଇଲା କମ୍ପାନୀ ଏହା ସହିତ ସମ୍ମିଶ୍ରଣ ହେଲା। ସେଥିମଧ୍ୟରେ ପ୍ରମୁଖ ଥିଲା ଭାରତ କୁକିଙ୍ଗ କୋଲ ଲିମିଟେଡ, ସେଣ୍ଟ୍ରାଲ କୋଲ ଲିମିଟେଡ, ଇଷ୍ଟର୍ଣ୍ଣ କୋଲ ଲିମିଟେଡ, ୱେଷ୍ଟର୍ଣ୍ଣ କୋଲ ଲିମିଟେଡ, ସେଣ୍ଟ୍ରାଲ ମାଇନିଙ୍ଗ ପ୍ଲାନିଙ୍ଗ ଲିମିଟେଡ ଅଫ୍ ଇଣ୍ଡିଆ ଆଦି। ସିସିଏଲ୍ ଓ ଡବ୍ଲୁସିଏଲ୍‌ର ଉତ୍ପାଦନ ଓ ବ୍ୟବସାୟ ପରିସର ବୃଦ୍ଧି ପାଇବାରୁ ନିୟମ ଅନୁସାରେ ୧୯୮୫ ରେ ଆଉ ଦୁଇଗୋଟି ନୂତନ କମ୍ପାନୀ ନର୍ଦନ କୋଲ ଲିମିଟେଡ ଓ ସାଉଥ୍ ଇଷ୍ଟର୍ଣ୍ଣ ଲିମିଟେଡ ନାମରେ ଆଉ ଦୁଇଗୋଟି କମ୍ପାନୀ ସୃଷ୍ଟି ହେଲା। ସେତେବେଳେ ସିସିଏଲ୍ ଅଧୀନରେ ଥିବା ଓଡ଼ିଶାର ସମସ୍ତ କୋଇଲା ଖଣି ଏସ୍‌ଇସିଏଲ୍ ଅଧୀନକୁ ଚାଲିଗଲା। ସେହି ସମୟରେ ଓଡ଼ିଶାର ଥିବା କୋଇଲା ଖଣି ଗୁଡ଼ିକର ଉତ୍ପାଦନ କ୍ଷମତା ଅନେକ ଗୁଣରେ ବୃଦ୍ଧି ପାଇବାରେ ଲାଗିଲା। ଓଡ଼ିଶା ପାଇଁ ଏକ ନୂତନ କମ୍ପାନୀ ୧୯୯୨ରେ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ ନାମରେ ସୃଷ୍ଟି ହେଲା। ତାହା ଅଧୀନରେ ତାଳଚେର ଓ ଇବ ଭେଲି ଅଞ୍ଚଳରେ ଥିବା ସମସ୍ତ କୋଇଲା ଖଣିଗୁଡ଼ିକ ପରିଚାଳିତ ହେଲା। ପରବର୍ତ୍ତୀ ସମୟରେ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ ଆମ ଦେଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲା।

ବର୍ତ୍ତମାନ ସିଆଇଏଲ୍ ଅଧୀନରେ ମୁଖ୍ୟତଃ ଆଠଗୋଟି କମ୍ପାନୀ ପରିଚାଳିତ ହେଉଛନ୍ତି। ସେଗୁଡ଼ିକ ହେଲା ବିସିସିଏଲ୍, ସିସିଏଲ୍, ଇସିଏଲ୍, ଡବ୍ଲୁସିଏଲ୍, ଏସ୍‌ଇସିଏଲ୍, ଏମ୍‌ସିଏଲ୍, ଏନ୍‌ସିଏଲ୍, ସିଏମ୍‌ପିଡିଆଇ। ସିଏମ୍‌ପିଡିଆଇ ହେଉଛି ସିଆଇଏଲ୍‌ର ଇଞ୍ଜିନିୟରିଂ, ଡିଜାଇନ୍ ଓ ଅନୁସନ୍ଧାନ ବିଭାଗ। ସିଆଇଏଲ୍ ଅଧୀନରେ ପରିଚାଳିତ କମ୍ପାନୀଗୁଡ଼ିକ ୧୯୫୬ କମ୍ପାନୀ ଆଇନ ଅନୁସାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ। ଏହାଛଡ଼ା କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଓ ଚେନ୍ନାଇରେ ଅବସ୍ଥିତ ନାଇଲଭେଲି ଲିଗ୍ନାଇଟ୍ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ ଲିଗନାଇଟ୍ ଉତ୍ପାଦନ କରି ବିଭିନ୍ନ ତାପଜ ଶକ୍ତି କେନ୍ଦ୍ରମାନଙ୍କୁ ଯୋଗାଇ ଦେଉଛି।

ଭାରତରେ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଦୁଇ ପ୍ରକାରର କୋଇଲା ବ୍ୟବହୃତ ହୁଏ। ତାହା ହେଲା ଗନ୍ଦୱାନ କୋଲ, ଯାହାକି ପ୍ରାୟ ୨୦୦ନିୟୁତ ବର୍ଷର ଏବଂ ଅନ୍ୟଟି ଟରିଟରି କୋଲ। ପ୍ରଥମଟି ଦାମୋଦର ନଦୀ ଉପତ୍ୟକାରେ ଦେଖାଯାଏ ଓ ଅନ୍ୟଟି ମେଘାଳୟ, ଆସାମ, ନାଗାଲାଣ୍ଡ ଆଦି ଅଞ୍ଚଳରେ ମିଳେ। ଏହାହେଲା 'ବ୍ଲାକ୍ ଡାଇମଣ୍ଡ' ବା 'କଳା ହୀରା'ର ଭିତିରି କଥା।

# ଗଣତନ୍ତ୍ରର ଶୁଭଙ୍କର କଳାଟିକା



**ସତ୍ୟବ୍ରତ ପାଣିଗ୍ରାହୀ**
ଗୁଣପୁର, ମୋ: ୬୩୭୧୬୮୪୬୯୯

ଚଳିତ ବର୍ଷ ସାରା ଦେଶରେ ଅନୁଭୂତ ହେଉଛି ନିର୍ବାଚନର ଋତୁ, ଯେଉଁଠି ଗ୍ରୀଷ୍ମ ତାତି ସାଙ୍ଗକୁ ରାଜନୀତିର ତାତି। ନିରପେକ୍ଷ ଓ ସୁସ୍ଥ ନିର୍ବାଚନ ସମ୍ପାଦନ କରିବା ପାଇଁ ନିଆଯାଇଛି ନାନା ପଦକ୍ଷେପ। ସେ ଭିତରେ ପୁଣି ଭୋଟରଙ୍କୁ ମତଦାନ କରିବା ପାଇଁ ବିଭିନ୍ନ ମାଧ୍ୟମରେ ଉତ୍ସାହିତ କରାଯାଉଛି। ଟିଭି, ସାମାଜିକ ଗଣମାଧ୍ୟମ, ଖବର କାଗଜ ଆଦିରେ ଭୋଟରଙ୍କୁ ମତଦାନ ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ସଚେତନତା ବିଜ୍ଞାପନ ଓ ବାର୍ତ୍ତା ଦିଆଯାଉଛି। ଟିକିଏ ଭଲରେ ନିରୀକ୍ଷଣ କଲେ ଦେଖିପାରିବେ ଅଧିକାଂଶ ବିଜ୍ଞାପନରେ କାଳିମଖା ଆଙ୍ଗୁଠି ଚିତ୍ରର ବହୁଳ ବ୍ୟବହାର। ଏହି ଚିତ୍ର ବୁଝାଇ ଦେଉଛି ଯେ ଶାସକଙ୍କୁ ବାଛିବାର କ୍ଷମତା ପ୍ରତ୍ୟେକ ନାଗରିକଙ୍କ ଆଙ୍ଗୁଠି ଟିପରେ ହିଁ ଅଛି। ଇଭିଏମ୍ ମେସିନରେ ଆଙ୍ଗୁଠି ଟିପ ବାଜିଛି କି ନାହିଁ, ତାହାର ପ୍ରମାଣ ଦିଏ ଅଙ୍ଗୁଳିରେ ଲାଗିଥିବା ଏହି କାଳି ବା ଇଙ୍କ।

ମତଦାନର ପ୍ରତୀକ ସାଜିଥିବା ଏହି କାଳି ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଅଲିଭା ସ୍ୱାକ୍ଷର। ନିର୍ବାଚନରେ ସବୁଠୁ ପୁରୁଣା ତଥା ଅଦ୍ୟାବଧି ପ୍ରଚଳିତ ଜିନିଷଟି ହେଉଛି ଏହି କାଳି। ବାଲୋଟ ପେପର ବଦଳରେ ଇଭିଏମ ବ୍ୟବହାର ହେଉଛି। ମତଦାନ କେନ୍ଦ୍ରର ୱେବ୍ କାଷ୍ଟିଂ ବି ହେଲାଣି। କିନ୍ତୁ ଦୀର୍ଘ ଆଠ ଦଶନ୍ଧି ଧରି ଭାରତୀୟ ନିର୍ବାଚନରେ କାଳିର ବ୍ୟବହାର ଚାଲୁ ରହିଛି। ମତଦାନ ବ୍ୟବସ୍ଥାରେ କାଳିର ସ୍ଥାନ କ୍ଷଣସ୍ଥାୟୀ ନୁହେଁ, ବରଂ ଏହି କାଳି ପଛରେ ରହିଛି ଏକ ଦୀର୍ଘ ଏବଂ ସ୍ୱଚ୍ଛ ଇତିହାସ।

ଆଙ୍ଗୁଠିରେ ଏହି କାଳିର ଦାଗ ଭୋଟରଙ୍କ ମତଦାନର ପ୍ରମାଣ ଦେବା ସହ ନିର୍ବାଚନର ସ୍ୱଚ୍ଛତାକୁ ମଧ୍ୟ ବଜାୟ ରଖେ। ଜଣେ ଭୋଟର ଯେମିତି ଥରେ ମାତ୍ର ମତଦାନ କରିପାରିବେ,



ସେଥିପାଇଁ ଭୋଟ ଦେବା ପୂର୍ବରୁ ନିଯୁକ୍ତ ଅଧିକାରୀ ମତଦାତାଙ୍କ ବାମ ହାତର ବିଶି ଆଙ୍ଗୁଠିରେ କାଳି ଲଗାଇ ଦିଅନ୍ତି। ଯାହା ଅନେକ ଦିନ ପର୍ଯ୍ୟନ୍ତ ସହଜରେ ଲିଭେନି। ୧୦ ରୁ ୨୦ ଶତକଡ଼ା ସିଲଭର ନାଇଟ୍ରେଟରେ ନିର୍ବାଚନୀ କାଳି ପ୍ରସ୍ତୁତ ହୁଏ। ଶୀଘ୍ର ଶୁଖିବା ପାଇଁ ଏଥିରେ କିଛି ପରିମାଣର ଆଲକୋହଲ ମଧ୍ୟ ମିଶ୍ରଣ କରାଯାଏ। କାଳି ଉପରେ ସୂର୍ଯ୍ୟ ରଶ୍ମି ପଡ଼ିବା କ୍ଷଣି ଆଙ୍ଗୁଠିରେ କଳା ଦାଗ ଦେଖାଯାଏ। ପ୍ରୟୋଗ ହେବାର ୭୨ ଘଣ୍ଟା ପର୍ଯ୍ୟନ୍ତ ସାବୁନ, ଡିଟରଜେଣ୍ଟ ଆଦି ସଫେଇ ଦ୍ରବ୍ୟକୁ ଏହା ପ୍ରତିରୋଧ କରିପାରିବ। ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରସ୍ତାବକ୍ରମେ ଭାରତ ସରକାରଙ୍କ ଅଧୀନରେ ଥିବା କାଉନସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ସଂସ୍ଥା ପ୍ରଥମ କରି ଏହି ନିର୍ବାଚନୀ କାଳି ପ୍ରସ୍ତୁତ କରିଥିଲେ।

ମତଦାନ ସମୟରେ ଜାଲି ଭୋଟକୁ ରୋକିବା ପାଇଁ ରସାୟନ ବିଜ୍ଞାନୀମାନେ ୧୯୫୦ ମସିହାରେ ଏହାର ଫର୍ମୁଲା ବାହାର କରିଥିଲେ। ପରବର୍ତ୍ତୀ ସମୟରେ ନ୍ୟାସନାଲ ରିସର୍ଚ୍ଚ ଡେଭେଲପମେଣ୍ଟ କର୍ପୋରେସନ ପକ୍ଷରୁ ନିର୍ବାଚନୀ କାଳିର ପ୍ୟାଟେଣ୍ଟ ପଞ୍ଜିକରଣ ହୋଇଥିଲା। ଏହି କାଳି ଉତ୍ପାଦନ ପାଇଁ ମହୀଶୂର ପେଣ୍ଟ ଆଣ୍ଡ ୱାର୍ନିଶ୍ ଲିମିଟେଡକୁ ଲାଇସେନ୍ସ ପ୍ରଦାନ କରାଯାଇଛି ଏବଂ ୧୯୬୨ ମସିହାରୁ ଆଜି ଯାଏଁ ଏହି କମ୍ପାନୀ ନିର୍ବାଚନୀ କାଳି ଉତ୍ପାଦନ କରିଆସିଛି। ୧୯୩୭ ମସିହାରେ ମହୀଶୂରର ତତ୍କାଳୀନ ମହାରାଜା ନାଲୱାଡି କୃଷ୍ଣରାଜା ଉଡେୟାରଙ୍କ ଦ୍ୱାରା ସ୍ଥାପିତ ଏହି କମ୍ପାନୀ ପ୍ରଥମେ ମହୀଶୂର ଲାକ୍ ଆଣ୍ଡ ପେଣ୍ଟ ୱାର୍କ୍ସ ଲିମିଟେଡ୍ ନାମରେ ପରିଚିତ ଥିଲା। ଚଳିତ ବର୍ଷର ସାଧାରଣ ନିର୍ବାଚନ ପାଇଁ ଏହି କମ୍ପାନୀ ପ୍ରାୟ ୨୬.୫ ଲକ୍ଷ କାଳି ବୋତଲ ଯୋଗାଇଛି। ଗୋଟିଏ ବୋତଲର ମୂଲ୍ୟ ହେଉଛି ୧୭୪ ଟଙ୍କା। ଏହି କମ୍ପାନୀ କେବଳ ଭାରତ ନୁହେଁ, ବରଂ ବିଶ୍ୱର ୨୫ରୁ ଅଧିକ ଦେଶକୁ ନିର୍ବାଚନୀ କାଳି ରପ୍ତାନି କରେ।

ନିର୍ବାଚନୀ ବ୍ୟବସ୍ଥାରେ କାଳିର ବ୍ୟବହାରକୁ ନେଇ ନୀତି ନିୟମ ମଧ୍ୟ ରହିଛି। ଲୋକ ପ୍ରତିନିଧି ଅଧିନିୟମ ୧୯୫୧, ଧାରା ୬୧ ରେ ଉଲ୍ଲେଖ ଅଛି ଯେ ମତଦାନ କେନ୍ଦ୍ରରେ ଭୋଟ ଦେବା ପୂର୍ବରୁ ପ୍ରତ୍ୟେକ ମତଦାତାଙ୍କ ଆଙ୍ଗୁଠିରେ କାଳି ଲଗାଯିବ। ୧୯୫୧-୫୨ ମସିହାରେ ଅନୁଷ୍ଠିତ ଭାରତର ପ୍ରଥମ ନିର୍ବାଚନରେ ଏକ କାଚ ଦଣ୍ଡ ସାହାଯ୍ୟରେ କାଳି ଲେପନ କରାଯାଇଥିଲା। ପ୍ରଥମ ନିର୍ବାଚନରେ ପ୍ରାୟ ୩ ଲକ୍ଷ ୮୯ ହଜାର କାଳି ବୋତଲ ବ୍ୟବହାର ହୋଇଥିଲା। ସଫଳତା ଭିତ୍ତିରେ ପରବର୍ତ୍ତୀ ସମୟରେ ରାଜ୍ୟ ଏବଂ ପଞ୍ଚାୟତ ନିର୍ବାଚନରେ ମଧ୍ୟ କାଳି ବ୍ୟବହାର ହୋଇଆସୁଛି। ୧୯୬୨ ମସିହାରେ ଅନୁଷ୍ଠିତ ତୃତୀୟ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଏହି କାଳି ଚିହ୍ନଟି ଆଙ୍ଗୁଠିର ମୂଳରେ ଦିଆଯାଉଥିଲା। କିନ୍ତୁ ପରବର୍ତ୍ତୀ ନିର୍ବାଚନଠାରୁ ଏହାକୁ ନଖ ମୂଳରେ ଦିଆଗଲା।

ସାଧାରଣତଃ କଳା ଦାଗକୁ ଆମେ ଅନ୍ୟାୟ, ଦୁର୍ନୀତି ରୂପକ ଅନ୍ଧାରର ରଙ୍ଗ ଭାବେ ଧରିନେଉ। କିନ୍ତୁ ସବୁକ୍ଷେତ୍ରରେ ତାହା ପ୍ରଯୁଜ୍ୟ ନୁହେଁ। ଗଣତାନ୍ତ୍ରିକ ନିର୍ବାଚନ ବ୍ୟବସ୍ଥାରେ କାଳିମଖା ଅଙ୍ଗୁଳି ହେଉଛି ପ୍ରତ୍ୟେକ ଭୋଟରଙ୍କ ମତଦାନ ଅଧିକାର ଓ ଦାୟିତ୍ୱର ପ୍ରତୀକ। ଏହା ପ୍ରତ୍ୟେକ ଭୋଟରଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦିଏ। ଦେଶରେ ସ୍ୱଚ୍ଛ ନିର୍ବାଚନ ଅନୁଷ୍ଠିତ ହେବା ପାଇଁ କାଳିଦାଗ ଏକ ଆଶ୍ୱାସନା। ଯାହାକୁ ଭିତ୍ତି କରି ଗଣତନ୍ତ୍ରର ନନ୍ଦିଘୋଷ ରଥ ଅଗ୍ରସର ହୁଏ। ତେଣୁ ସବୁ କଳାଦାଗ ଯେ କଳଙ୍କର ପ୍ରତୀକ, ତାହା ଭାବିବା ଭୁଲ। ନିର୍ବାଚନୀ କାଳି ଭଳି କିଛି କଳାଦାଗ ଗଣତନ୍ତ୍ରକୁ ଆଲୋକିତ କରେ ଏବଂ ଜନତାଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ସୁରକ୍ଷା ଦିଏ।

## ଲୋକମତ

### ବ୍ୟାଟେରୀ ସ୍ୱାପିଂ କେନ୍ଦ୍ରର ଆବଶ୍ୟକତା

ପରିବେଶ ସଚେତନତା ହେତୁ ଭାରତରେ ଜୀବାଶ୍ମ ଇନ୍ଧନ ଚାଳିତ ଯାନ ଅପେକ୍ଷା ବୈଦ୍ୟୁତିକ ଯାନ (ଇଭି)ର ଗ୍ରହଣୀୟତା ଦ୍ରୁତଗତିରେ ବୃଦ୍ଧି ପାଉଛି। ଇଭିର ଏକ ମୁଖ୍ୟ ଉପାଦାନ ହେଲା ଏହାର ରିଚାର୍ଜ୍ ଯୋଗ୍ୟ ବ୍ୟାଟେରୀ। ବ୍ୟାଟେରୀର ସୀମିତ ସଂରକ୍ଷଣ କ୍ଷମତା ହେତୁ ବ୍ୟାଟେରୀକୁ ବାରମ୍ବାର ଚାର୍ଜ୍ କରିବାକୁ ପଡ଼ିଥାଏ। କିନ୍ତୁ ପର୍ଯ୍ୟାପ୍ତ ଚାର୍ଜିଂ ଷ୍ଟେସନ୍‌ର ଅଭାବ ଇଭିର ଅନ୍ୟ ଏକ ମୁଖ୍ୟ ପ୍ରତିବନ୍ଧକ। ବ୍ୟାଟେରୀ ଅଦଳବଦଳ (ସ୍ୱାପିଂ) ହେଉଛି ବ୍ୟାଟେରୀ ରିଚାର୍ଜ୍ କରିବାର ଏକ ବିକଳ୍ପ ପନ୍ଥା। ଲୋକମାନେ ପେଟ୍ରୋଲ୍ ପମ୍ପରେ ଯେଭଳି ଅଳ୍ପ କିଛିସମୟ ମଧ୍ୟରେ ତେଲ ପକାଇ ପାରୁଛନ୍ତି, ସେହିଭଳି ସ୍ୱାପିଂ ସେଣ୍ଟର୍‌ରେ ନିଜ ଚାର୍ଜ୍ ଶେଷ ହୋଇଥିବା ବ୍ୟାଟେରୀକୁ ବଦଳାଇ ଏକ ପୂର୍ଣ୍ଣ ଚାର୍ଜ୍ ଥିବା ବ୍ୟାଟେରୀ ନେଇପାରିବେ। ଦୁଇଚକିଆ ଏବଂ ତିନିଚକିଆ ଇ-ଯାନର ବ୍ୟାଟେରୀ କ୍ଷମତା କମ୍ ଥିବା ହେତୁ ଏହି ପ୍ରକ୍ରିୟା ଅଧିକ ସହାୟକ ହୋଇଥାଏ। ତଥ୍ୟ ଅନୁଯାୟୀ, ସନ୍ ମୋବିଲିଟି, ଓଲା ଇଲେକ୍ଟ୍ରିକ୍, ଭୋଲ୍ଟଅପ୍, ବ୍ୟାଟେରୀ ସ୍ମାର୍ଟ୍ ଆଦି କମ୍ପାନି ପକ୍ଷରୁ ବାଙ୍ଗାଲୁରୁ, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ୍ ଆଦି ସହରରେ ପ୍ରାୟ ୨୫୦୦ ବ୍ୟାଟେରୀ ସ୍ୱାପିଂ ସେଣ୍ଟର୍‌ମାନ ଖୋଲାଯାଇଛି। ଏହାର ଚାହିଦା କ୍ରମଶଃ ବୃଦ୍ଧି ପାଉଛି। ବ୍ୟାଟେରୀ ସ୍ୱାପିଂ ଦ୍ୱାରା ଚାର୍ଜିଂ ସମୟ ହ୍ରାସ ପାଇଥାଏ ତଥା ଇ-ଯାନର ଦୂରତା ସୀମା ବୃଦ୍ଧି ପାଇଥାଏ। ବିଶେଷକରି ବ୍ୟବସାୟିକ ଇ-ଯାନ (ଅଟୋ ରିକ୍ସା/ସାମଗ୍ରୀ ପରିବହନ ଯାନ) ପାଇଁ ଏହା ଲାଭଦାୟକ ହୋଇଥାଏ। ବ୍ୟାଟେରୀ ନିର୍ମାଣ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ଉପରେ ଆଧାରିତ ହେଲେ ସ୍ୱାପିଂ ପ୍ରକ୍ରିୟା ଅଧିକ ସୁସଙ୍ଗତ ହେବାର ସମ୍ଭାବନା ଅଛି।

**ନବ୍‌ନିତ୍ ପାଣିଗ୍ରାହୀ**
**ରାୟଗଡ଼ା, ମୋ: ୯୮୬୧୧୩୮୮୩୬**

### କରୋନା ଟିକା ସମ୍ପର୍କରେ ସ୍ପଷ୍ଟୀକରଣ ଦିଆଯାଉ

କିଛିଦିନ ଧରି ବିଭିନ୍ନ ଗଣମାଧ୍ୟମରେ କରୋନା ସମୟରେ ଦିଆ ଯାଇଥିବା ବିଭିନ୍ନ ଟିକା (କୋଭାକ୍ସିନ୍ ଓ କୋଭିସିଲ୍ଡ)ର କୁପ୍ରଭାବ ଉପରେ ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇଆସୁଛି। କେତେକ ସଂସ୍ଥାର ଅଭିଯୋଗ ଅନୁସାରେ ଏହି ଟିକା ନେଇଥିବା ବ୍ୟକ୍ତିମାନେ ପରବର୍ତ୍ତୀ ସମୟରେ ରକ୍ତଜମାଟ ଭଳି ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ପ୍ରତିଦିନ ନୂଆ ନୂଆ ଖବର ସାମ୍ନାକୁ ଆସୁଛି ଯାହାକୁ ନେଇ ବର୍ତ୍ତମାନ ଲୋକେ ଚିନ୍ତିତ ଓ ଭୟଭୀତ। ତେବେ ରିପୋର୍ଟ ପ୍ରକାଶ କରିଥିବା ଗବେଷଣା ସଂସ୍ଥାଗୁଡ଼ିକର ଗୁଣବତ୍ତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକମାନଙ୍କର ପ୍ରାଣ ରକ୍ଷାକାରୀ ଟିକା ଏବେ ପ୍ରାଣ ନାଶକାରୀ ରୂପେ ପରିଗଣିତ ହେବାରେ ଲାଗିଲାଣି। ତେଣୁ ସରକାର ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ ଯାହାଦ୍ୱାରା ଲୋକମାନଙ୍କର ଅଯଥା ଭୟ ଓ ଆଶଙ୍କା ଦୂରେଇ ପାରିବ।

**ଡ ସୀତାକାନ୍ତ ତ୍ରିପାଠୀ**
**ଅର୍ଣ୍ଣପାଳ, ଭଦ୍ରକ**

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

### ରାଜସ୍ୱ ପର୍ଷଦର ଅବସରପ୍ରାପ୍ତ ଏଏସ୍‌ଓଙ୍କ ପେନସନ ଓ ଗ୍ରାଚୁଇଟି ବନ୍ଦ

## ଭିଜିଲାନ୍ସ ମାମଲାରେ ହୋଇଥିଲେ ଦୋଷୀ ସାବ୍ୟସ୍ତ

କଟକ, ୧୭ ।୫(ସମିସ): ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ରାଜସ୍ୱ ପର୍ଷଦର ଅବସରପ୍ରାପ୍ତ ଏଏସ୍‌ଓ ରେଣୁକା ଦେବୀଙ୍କ ପୂର୍ଣ୍ଣ ପେନସନ ଓ ଗ୍ରାଚୁଇଟିକୁ ସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ଭିଜିଲାନ୍ସର ନିବେଦନ ପରେ ବିଭାଗୀୟ କର୍ତ୍ତୃପକ୍ଷ ଏତାଦୃଶ ନିଷ୍ପତ୍ତି ନେଇଛନ୍ତି। ଭିଜିଲାନ୍ସର ଅନୁରୋଧକ୍ରମେ ଓସିଏସ ପେନସନ୍ ରୁଲ ୧୯ ୯୨ର ଧାରା ୭ (୧) ଅନୁସାରେ ଗତ ମେ' ୧୬ ତାରିଖରୁ ସମ୍ପୃକ୍ତ ଅବସରପ୍ରାପ୍ତ ଏଏସ୍‌ଓଙ୍କ ପେନସନ ବନ୍ଦ କରାଯାଇଥିବା ଜଣାପଡ଼ିଛି।

ରାଜସ୍ୱ ପର୍ଷଦର ଏଏସଓ ଥିବା ସମୟରେ ରେଣୁକା ଦେବୀ ପ୍ରାଇଭେଟ ହସପିଟାଲ ଆସୋସିଏସନ୍ ନାମରେ ପଞ୍ଜୀକରଣ ପ୍ରମାଣପତ୍ର ଜାରି କରିବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଡି)/୭ ଅନୁସାରେ ୨ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଜରିମାନାରେ ଦଣ୍ଡିତ କରିଥିଲେ। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟ ଦେଇଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ ବନ୍ଦ ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆବେଦନ କରାଯାଇଥିଲା।

# ସତ୍ୟପାଠରେ ଅପରାଧିକ ତଥ୍ୟ ଲୁଚାଇ ଅଡୁଆରେ କୁସୁମ

ସୁନ୍ଦରଗଡ଼, ୧୭ ।୫(ସମିସ): ଚଳିତ ସାଧାରଣ ନିର୍ବାଚନରେ ବିଜେପିର ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥିନୀ ତଥା ବିଧାୟିକା କୁସୁମ ଟେଟେ ତାଙ୍କ ସତ୍ୟପାଠରେ ଅପରାଧିକ ତଥ୍ୟ ଲୁଚାଇ ଏବେ ଅଡୁଆରେ ପଡ଼ିଛନ୍ତି। ବିଜେଡି ବିଧାନସଭା ପ୍ରାର୍ଥୀ ଯୋଗେଶ କୁମାର ସିଂହଙ୍କ ଏଜେଣ୍ଟ ବାସୁଦେବ ପାଣ୍ଡେ କୁସୁମ ନାମାଙ୍କନ ସମୟରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗ ଆଣି ସୁନ୍ଦରଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରେ ଫେରାଦ ହେବା ପରେ ବିଧାୟିକାଙ୍କ ଅସଲ ଗୁମର ଖୋଲିଛି। ଶ୍ରୀ ପାଣ୍ଡେ ଏନେଇ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିବା ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏହାର ନକଲ ପ୍ରଦାନ କରିଛନ୍ତି।



୨୦୨୨ ନଭେମ୍ବର ୨୯ରେ ବିଧାୟିକା କୁସୁମ ଟେଟେଙ୍କ ସମେତ ଅନ୍ୟ କେତେଜଣଙ୍କ ବିରୋଧରେ ବରଗଡ଼ ଜିଲ୍ଲା ପାଇକମାଳ ଥାନାରେ ଏକ ଅପରାଧିକ ମାମଲା ରୁଜୁ ହୋଇଛି। ରାଜ୍ୟ ବାଣିଜ୍ୟକର ଓ ଜିଏସଟି ବିଭାଗ ଅଧିକାରୀ ଆଶିଷ ଦାଶଙ୍କ ରିପୋର୍ଟ ଆଧାରରେ ମାମଲା ରୁଜୁ ହୋଇଥିବା ଏବେ ସାମ୍ନାକୁ ଆସିଛି। ଏହି ମାମଲା ଏବେ ଅଦାଲତରେ ବିଚାରାଧୀନ ରହିଛି।

ସେତେବେଳେ ଏହି ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। ତଥାପି କୁସୁମ ତାଙ୍କ ସତ୍ୟପାଠରେ ଉକ୍ତ ତଥ୍ୟ ପ୍ରଦାନ କରିନାହାନ୍ତି। ଅପରାଧିକ ତଥ୍ୟ ଲୁଚାଇବାକୁ ଚେଷ୍ଟା କରି ଏବେ ସେ ହରଡ଼ଘଣାରେ ପଡ଼ିଛନ୍ତି।

ନାମାଙ୍କନ ଦାଖଲ ବେଳେ ସତ୍ୟପାଠରେ ପ୍ରାର୍ଥୀ ନିଜ ବିଷୟରେ ସମସ୍ତ ତଥ୍ୟ ପ୍ରଦାନ କରିଥା'ନ୍ତି। ନିଜ ଅପରାଧିକ ମାମଲା ତଥ୍ୟ ମଧ୍ୟ ସତ୍ୟପାଠରେ ଦର୍ଶାଇବାକୁ ପଡ଼ିଥାଏ। ଏପରିକି ଉକ୍ତ ଅପରାଧିକ ମାମଲା ସମ୍ପର୍କିତ ତଥ୍ୟ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିବସଠାରୁ ଭୋଟ ଗ୍ରହଣ ପୂର୍ବଦିନ ପର୍ଯ୍ୟନ୍ତ ଅବଧି ମଧ୍ୟରେ ଗଣମାଧ୍ୟମରେ ବିଜ୍ଞାପନ ଜରିଆରେ ଲୋକଙ୍କୁ ଅବଗତ କରିବା ନିୟମ ରହିଛି। ଖବରକାଗଜରେ ଅନ୍ୟୂନ ୧୨ ପଏଣ୍ଟ ଫଣ୍ଟରେ ଏହାକୁ ଛାପିବାର ଆବଶ୍ୟକତା ରହିଛି। ମାତ୍ର କୁସୁମ ତାଙ୍କ ସତ୍ୟପାଠରେ ଉକ୍ତ ଅପରାଧିକ ତଥ୍ୟ ପ୍ରଦାନ କରି ନଥିବାରୁ ନିର୍ବାଚନ ଅଧିକାରୀ ତାଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ବିଜୟ ମହାପାତ୍ରଙ୍କୁ ବହିଷ୍କାର କଲା ବିଜେପି

ଭୁବନେଶ୍ୱର, ୧୭ ।୫(ସମିସ): ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ବିଜେପି ବହିଷ୍କାର କରିଛି। ଦଳ ବିରୋଧୀ କାର୍ଯ୍ୟ ଓ ଅନୁଶାସନ ଭଙ୍ଗ ଅଭିଯୋଗରେ ତାଙ୍କୁ ବହିଷ୍କାର କରାଯାଇଛି। ବିଜୟ ମହାପାତ୍ରଙ୍କ ସହ ବିଜେପି ନେତା ସାରଦା ପ୍ରଧାନ ଓ ରାକେଶ ମଲ୍ଲିକଙ୍କୁ ମଧ୍ୟ ଦଳବିରୋଧୀ କାର୍ଯ୍ୟ ପାଇଁ ବହିଷ୍କାର କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ତିନିଜଣ ଦଳରୁ ବହିଷ୍କୃତ ହୋଇଛନ୍ତି ବୋଲି ବିଜେପି ପକ୍ଷରୁ କୁହାଯାଇଛି। ସୂଚନା ଥାଉକି ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡି ପାଟକୁରା ବିଧାନସଭା ଆସନରୁ ପ୍ରାର୍ଥୀ କରିଛି।



**ଦଳରେ ନ ଥିଲି, ବହିଷ୍କାର କ'ଣ ପାଇଁ: ବିଜୟ**

**ସାରଦା ପ୍ରଧାନ ଓ ରାକେଶ ମଲ୍ଲିକ ମଧ୍ୟ ଦଳରୁ ବିଦା**

ଅନ୍ୟପକ୍ଷରେ ମାହାଙ୍ଗାର ସାରଦା ପ୍ରଧାନ ଓ ସୋରର ରାକେଶ ମଲ୍ଲିକ ବିଜେପିରୁ ଟିକଟ ବଞ୍ଚିତ ହେବା ପରେ ଉଭୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଏହି କାରଣ ପାଇଁ ବିଜେପିର ଏହି ନେତାମାନଙ୍କୁ ବରିଷ୍କାର କରାଯାଇଥିବା ନେଇ ଚର୍ଚ୍ଚା ହେଉଛି।

ଏହି ଘଟଣାରେ ବିଜୟ ମହାପାତ୍ର ପ୍ରତିକ୍ରିୟା ଦେଇ ବିଜେପିର ଏହି ନିଷ୍ପତ୍ତିକୁ ହାସ୍ୟାସ୍ପଦ ବୋଲି କହିଛନ୍ତି। ସେ କହିଛନ୍ତି, ସେ ଦଳରେ ନ ଥିଲେ; ତେଣୁ ବହିଷ୍କାର କାହିଁକି ଓ କେମିତି କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ନିଷ୍ପତ୍ତି ଦ୍ୱାରା ବିଜେପି ଲୋକହସା ହେଉଛି ବୋଲି ସେ କହିଛନ୍ତି। ଗତ ୫-୭ ବର୍ଷ ହେବ ସେ ଦଳରେ ନ ଥିଲେ। ଦଳ ବିରୋଧୀ କାମ କରିଛି ଓ ଏହା କେମିତି ମନେ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଜେପିରେ କ'ଣ ଚାଲିଛି ଏକଥା ସମସ୍ତେ ଜାଣନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଗଲା ବୋଲି କୁହାଯାଇଛି। ସେ ତ ଦଳରେ ନାହାନ୍ତି ଅଥଚ ବିଜେପି ତାଙ୍କୁ ବହିଷ୍କାର କରିଛି ବୋଲି ସେ କହିଛନ୍ତି। ବିଜୟ ମହାପାତ୍ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ବେଳେ ରାକେଶ ମଲ୍ଲିକ ଏସସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଥିଲେ।

## ୧୯ରେ ପୁଣି ଓଡ଼ିଶା ଆସିବେ ମୋଦୀ

ଭୁବନେଶ୍ୱର, ୧୭ ।୫(ସମିସ): ଆସନ୍ତା ୧୯ ତାରିଖରେ ପୁଣି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ୧୯ ତାରିଖ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ସେହିଦିନ ସନ୍ଧ୍ୟା ୭ଟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିବେ। ନିର୍ବାଚନକୁ ନେଇ କର୍ମକର୍ତ୍ତାଙ୍କ ସହ ପ୍ରଧାନମନ୍ତ୍ରୀ ସମୀକ୍ଷା କରିବେ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ୧୯ ତାରିଖରେ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ୨୦ରେ ପୁରୀ ଯାଇ ଶ୍ରୀଜିଉଙ୍କ ଦର୍ଶନ କରିବେ। ତାପରେ ପୁରୀରେ ରୋଡ୍ ଶୋ' କରିବେ ପ୍ରଧାନମନ୍ତ୍ରୀ। ପରେ ସେ ଅନୁଗୁଳ ଓ କଟକରେ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ରାଜ୍ୟ ବିଜେପି ସଭାପତି ଶ୍ରୀ ସାମଲ କହିଛନ୍ତି।

## ନିଖୋଜ କନଷ୍ଟେବଲଙ୍କ ମୃତଦେହ ହୋଟେଲରୁ ଉଦ୍ଧାର; ହତ୍ୟା ସନ୍ଦେହ

ସୋନପୁର, ୧୭।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ପୁଲିସ୍ ଅଧୀନରେ କାର୍ଯ୍ୟରତ କନଷ୍ଟେବଲ ଶଙ୍କରଭାନୁ ବେହେରା(୪୫)ଙ୍କ ମୃତଦେହ ବଲାଙ୍ଗିରର ଏକ ହୋଟେଲରୁ ଠାବ ହୋଇଛି। ଡୁଙ୍ଗୁରିପାଲି ଥାନା ଅଧୀନସ୍ଥ ସିଆଳବାହାଲି ଗାଁରେ ତାଙ୍କ ଘର। ସେ ସୋନପୁର ଯାଉନ୍ ଆଉଟ୍‌ପୋଷ୍ଟରେ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିଲେ। ଗୁରୁବାର ଡ୍ୟୁଟି ଆସି ନ ଥିବାରୁ ଜରୁରୀ କାର୍ଯ୍ୟ ପାଇଁ କୌଣସି ଅନ୍ୟ ସ୍ଥାନକୁ ଯାଇଥିବା ନେଇ ସହକର୍ମୀମାନେ ଭାବିଥିଲେ। ତେବେ ଶୁକ୍ରବାର ସକାଳୁ ବଲାଙ୍ଗିର ରେଳ ଷ୍ଟେସନ୍ ନିକଟ ଏକ ହୋଟେଲରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିନାହିଁ। ବଲାଙ୍ଗିରରେ ମୃତଦେହ ଉଦ୍ଧାର ହୋଇଥିବାରୁ ବଲାଙ୍ଗିର ପୁଲିସ୍ ତଦନ୍ତ ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ କହିପାରିବ ବୋଲି ସୋନପୁର ଥାନା ଆଇଆଇସି ଲୋକନାଥ ସାହୁ କହିଛନ୍ତି। ମୃତଦେହ ଠାବ ହେଲା ପରେ ବଲାଙ୍ଗିର ପୁଲିସ୍ ପରିବାରଲୋକଙ୍କୁ ଖବର ଦେଇଥିଲା। ଶୁକ୍ରବାର ସନ୍ଧ୍ୟାରେ ମୃତଦେହ ଆଣିବା ପାଇଁ ପରିବାର ଲୋକେ ବଲାଙ୍ଗିର ଯାଇଛନ୍ତି।

# ଆମ୍ୟୁଜମେଣ୍ଟ ପାର୍କ ଚେନ୍ ୱଣ୍ଡେର୍ଲା ଏବେ ଭୁବନେଶ୍ୱରରେ

ଭୁବନେଶ୍ୱର,୧୭।୫: ଭାରତର ସର୍ବବୃହତ ଆମ୍ୟୁଜମେଣ୍ଟ (ଆମୋଦ ପ୍ରମୋଦ) ପାର୍କ ଚେନ୍ ୱଣ୍ଡେର୍ଲା ହଲିଡେଜ୍ ଭୁବନେଶ୍ୱରର କୁମ୍ଭାରବସ୍ତଠାରେ ଏହାର ନୂତନ ପାର୍କ ଶୁଭାରମ୍ଭ କରିଛି। ଏହା ୱଣ୍ଡେର୍ଲାର କୋଚି, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ପରେ ଚତୁର୍ଥ ପାର୍କ। ଏକ ପବ୍ଲିକ ଲିମିଟେଡ କମ୍ପାନୀ ଭାବରେ ଏହାର ସମ୍ପ୍ରସାରଣ ସ୍ୱରୂପ ୱଣ୍ଡେର୍ଲା ଭୁବନେଶ୍ୱରରେ ନୂଆ ପାର୍କ ସ୍ଥାପନ କରିଛି। ଏହି ଅବସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କମ୍ପାନୀର ଏମ୍ଡି ଅରୁଣ କେ ଚିଟ୍ଟିଲାପ୍ପିଲେ, ସଭାପତି ଶିବଦାସ ଏମ୍, ସିଓଓ ଧୀରନ୍ ଚୋଧାରୀ, ଭିପି ଇଞ୍ଜିନିୟରିଂ ଅଜିକ୍ରିଷ୍ଣନ୍ ଏବଂ ପାର୍କ ହେଡ୍ ଭୁବନେଶ୍ୱର କଳ୍ପତରୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୧୯୦ କୋଟି ଟଙ୍କା ନିବେଶରେ ୱଣ୍ଡେର୍ଲା ଭୁବନେଶ୍ୱର ୨୧ରୁ ଅଧିକ ଆନନ୍ଦଦାୟକ ଶୁଷ୍କ ଓ ଆର୍ଦ୍ର (ଡ୍ରାଏ ଆଣ୍ଡ ୱେଟ୍) ରାଇଡ୍ ପ୍ରଦର୍ଶିତ କରୁଛି ଯାହା ହାଇ-ସ୍ପିଡ୍ କୋଷ୍ଟରଠାରୁ ନେଇ ପରିବାର ଉପଯୋଗୀ ଆକର୍ଷଣଗୁଡ଼ିକ ପର୍ଯ୍ୟନ୍ତ ଅଭୁଲା ରୋମାଞ୍ଚ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଛି। ଭୁବନେଶ୍ୱରଠାରୁ ମାତ୍ର ୨୨.୫ କିମି ଦୂରରେ ଅବସ୍ଥିତ ୱଣ୍ଡେର୍ଲା ରୋମାଞ୍ଚ-ଅନୁସନ୍ଧାନକାରୀଙ୍କ ନିମନ୍ତେ ଏକମାତ୍ର ସ୍ଥଳ ହେବ। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପ୍ରାକୃତିକ ବୈଭବ ପ୍ରତି ସମ୍ମାନ ଜଣାଇବାକୁ ଡିଜାଇନ କରାଯାଇଥିବା ୱଣ୍ଡେର୍ଲା ଭୁବନେଶ୍ୱର ୫୦ ଏକର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି। ରୋମାଞ୍ଚକାରୀ ଅନୁଭୂତି ପ୍ରଦାନ ସହିତ ୱଣ୍ଡେର୍ଲା ଆମ୍ୟୁଜମେଣ୍ଟ ପାର୍କ ସ୍ଥାନୀୟ ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇନେବା ନିମନ୍ତେ ପ୍ରତିବଦ୍ଧ। ପ୍ରାୟ ୪୫୦ ଜଣଙ୍କୁ ନିଯୁକ୍ତି, ବିଶେଷକରି ଅଣକୁଶଳୀଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇବା ସହିତ ଏହି ପାର୍କ ଭୁବନେଶ୍ୱର ଏବଂ ତାହାର ଚତୁର୍ପାର୍ଶ୍ୱ ଅଞ୍ଚଳର ଅନେକ ବାସିନ୍ଦାଙ୍କ ପାଇଁ ଜୀବିକା ଯୋଗାଇଦେବ। ଅନ୍ଲାଇନ ପ୍ରି-ବୁକିଂରେ କେବଳ ଯର୍ଲି ବାର୍ଡ ରିହାତି ପାର୍କ ଟିକେଟ ସମ୍ପ୍ରତି ୭୪୯ ଟଙ୍କାରେ ଉପଲବ୍ଧ। ନିୟମିତ ପାର୍କ ଟିକେଟଗୁଡ଼ିକ ପିକ୍ ୱିକ୍ଡେଜ୍ରେ ୯୯୯ ଟଙ୍କା ଏବଂ ପିକ୍ ୱିକ୍‌ଏଣ୍ଡଗୁଡ଼ିକରେ ୧୧୦୦ ଟଙ୍କାରେ ଉପଲବ୍ଧ ହେବ। ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଚିଟ୍ଟିଲାପ୍ପିଲେ କହିଛନ୍ତି ଯେ, ୱଣ୍ଡେର୍ଲା ଭୁବନେଶ୍ୱର ଆନୁଷ୍ଠାନିକ ଭାବରେ ଜୁନ୍ ତୃତୀୟ ସପ୍ତାହରୁ ଖୋଲିବ ଏବଂ ଜନସାଧାରଣ ମେ' ୨୪ରୁ ଏହା ମଧ୍ୟକୁ ପ୍ରବେଶ କରିବା ସୁଯୋଗ ପାଇବେ। ଏହା ଦିନକୁ ୩,୫୦୦ରୁ ଅଧିକ ଲୋକଙ୍କର ମନୋରଞ୍ଜନ କରିପାରିବ।




ଓଡ଼ିଶା ସରକାରଙ୍କ ଅବଦାନ ସମ୍ପର୍କରେ ପ୍ରକାଶ କରି ଶ୍ରୀ ଶିବଦାସ କହିଛନ୍ତି ଯେ, ୱଣ୍ଡେର୍ଲା ଭୁବନେଶ୍ୱର ଆମ ହୃଦୟର ନିକଟତର ଏକ ପ୍ରକଳ୍ପ। ୨୦୧୯ରେ ଆମର ଆଲୋଚନା ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆମନ୍ତ୍ରଣ ମିଳିବା ପରେ ଏହା ଆରମ୍ଭ ହୋଇଥିଲା। ତାଙ୍କର ସମର୍ଥନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି ଏବଂ ୯୦ ବର୍ଷ ଅବଧିର ଲିଜ୍ ଅନୁମୋଦନ ସହିତ ଆମେ ଏହି ଚମତ୍କାର ଯାତ୍ରାରେ ଆଗକୁ ବଢିଥିଲୁ। ଆମର ଏକାଗ୍ରତା ଏବଂ ଓଡ଼ିଶା ସରକାରଙ୍କର ଦୃଢ ସମର୍ଥନ, ବିଶେଷକରି ପର୍ଯ୍ୟଟନ ଓ ଶିଳ୍ପ ବିଭାଗର ସମର୍ଥନ ଏହାକୁ ସମ୍ଭବ କରିପାରିଛି।

■ ହଟହଟା ହେଲେ ବିଜେପିର ଷ୍ଟାର ପ୍ରଚାରକ !

# ରୋଡ୍ ଶୋ' ଅଧାରୁ ଫେରିଗଲେ ହେମାମାଳିନୀ

 କିଶନନଗର, ୧୭।୫(ସମିସ): ଆଜି କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିଶନନଗରଠାରେ ବିଜେପି ପକ୍ଷରୁ ଏକ ରୋଡ୍ ଶୋ' ଓ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ନିର୍ବାଚନୀସଭାରେ ଚଳଚ୍ଚିତ୍ର ଅଭିନେତ୍ରୀ ହେମାମାଳିନୀ ତାରକା ପ୍ରଚାରକ ଭାବେ ଯୋଗ ଦେଇଥା'ନ୍ତେ। ଓଡ଼ପଡ଼ାଠାରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇ ସେ ରୋଡ୍ ଶୋ'ରେ ଅଂଶଗ୍ରହଣ କରିଥିଲେ। ମାତ୍ର କିଛି ବାଟ ଅତିକ୍ରମ କଲା ପରେ ଶୋଭାଯାତ୍ରାରେ ଆଶାନୁରୂପ ଲୋକ ନହେବାରୁ ସେ ଶୋଭାଯାତ୍ରା ଅଧାରୁ ପ୍ରଚାର ଗାଡ଼ିରୁ ଓହ୍ଲାଇ ଭୁବନେଶ୍ୱର ଅଭିମୁଖେ ଫେରିଯାଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ପରେ ଆୟୋଜିତ ନିର୍ବାଚନୀ ସଭାରେ ରାଜସ୍ଥାନର ମନ୍ତ୍ରୀ ଅଭିନାଶ ଗେହଲଟ ଓ ବିଧାୟକ ପାର୍ଥୀ ଙ୍ଗ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଭୋଟ୍ ଭିକ୍ଷା କରିଥିଲେ।



ବରିଷ୍ଠ ନେତା ସ୍ୱାଧୀନ ଚେତା ମହାନ୍ତିଙ୍କ ପୌରୋହିତ୍ୟରେ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ନେତ୍ରୀ ପ୍ରତିଭା ଶତପଥୀ, କର୍ପୋରେଟର ଲିପ୍ସା ନାୟକ, ମମତା ମହାନ୍ତି, କଳ୍ପନା ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟାପକ ବିଚିତ୍ରା ନନ୍ଦ ଜେନା, ରାକେଶ ସ୍ୱାଇଁ, କୁଞ୍ଜମୋହନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ରଘୁନାଥ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଜେପି ନେତା ଆଲୋଚନା ପ୍ରସଙ୍ଗରେ କହିଥିଲେ ଯେ, ହେମାମାଳିନୀ ରୋଡ୍ ଶୋ'ରେ ସଭାସ୍ଥଳକୁ ଯାଉଥିବା ବେଳେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ସେ ବାଧ ହୋଇ ଶୋଭାଯାତ୍ରା ଅଧାରୁ ଫେରିଯାଇଥିଲେ।

# ଅବଶିଷ୍ଟାଂଶ...

### ମିଛ କହୁଛନ୍ତି...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କିଏ କୁମ୍ଭୀର କାନ୍ଦଣା କାନ୍ଦୁଛି ଆଉ କିଏ ଦିନ ରାତି ଓଡ଼ିଶାର ଲୋକଙ୍କ ଉନ୍ନତି ପାଇଁ କାମ କରୁଛି ତାହା କାହାକୁ ଅଛପା ନାହିଁ। ସେମାନଙ୍କ ନେତାମାନେ ମିଛ କଥା କହୁଛନ୍ତି, ବଡ଼ ବଡ଼ ଆଶ୍ୱାସନା ଦେଇ ଭୋଟ ନେବାକୁ ଉଦ୍ୟମ କରୁଛନ୍ତି। ସେମାନଙ୍କ ଉଦ୍ୟମକୁ ଆମେ ପଣ୍ଡ କରିଦେବା। ବିଏସ୍‌କେୱାଇ, ମିଶନ ଶକ୍ତି, ମମତା, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରସିପ୍, ଚାଷୀଙ୍କ କାଳିଆ, ମଧୁବାବୁ ପେନସନ୍ ଯୋଜନା, ଚାଉଳ କାର୍ଡ ପରି ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ଥିଲେ ଏସବୁ ଯୋଜନା ଭଲ କି? ସାଧାରଣ ଲୋକମାନେ "ହଁ" ଧ୍ୱନୀ ଦେଇ ଅଞ୍ଚଳ ପ୍ରକମ୍ପିତ କରିଛନ୍ତି।। ଯେତେବେଳେ ସେ ପଚାରିଲେ ନବୀନ ପଟ୍ଟନାୟକ ଭଲ କି ? ସେତେବେଳେ ସମ୍ମିଳିତ 'ହଁ' ସ୍ୱର କେଇ କୋଶ ଅଞ୍ଚଳକୁ ପ୍ରକମ୍ପିତ କରିଛି । ଏହି ଅବସରରେ ବିଜୁ ଜନତା ଦଳ ସରକାର ମାଗଣା ବିଜୁଳି ଦେବ। ଆପଣମାନେ ଖୁସି ତ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନରେ ମଧ୍ୟ ସମୂହ ଭାବରେ ହଁ ଧ୍ୱନୀରେ ଅଞ୍ଚଳ ମୁଖରିତ ହୋଇଛି। ତା'ପରେ ସେ ପୁଣି କହିଲେ ମା ସମଲେଇଙ୍କ ପ୍ରକଳ୍ପ କାମ ଭଲ ହୋଇଛି ତ ? ପୁରୀ ପରିକ୍ରମା ପ୍ରକଳ୍ପ ଭଲ ହେଇଛି ତ ? ବହୁତ ଭଲ ବୋଲି ଉଚ୍ଛ୍ୱସିତ ସ୍ୱରରେ ଜନତା ଉତ୍ତର ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଆମେ ଏକ ନମ୍ବର ରାଜ୍ୟ କରିବା ପାଇଁ ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଅନୁରୋଧ କରିଛନ୍ତି।

### କେଉଁ ରାଜ୍ୟକୁ...

ଏପରି କଠୋର ସ୍ୱରରେ ବିରୋଧୀ ବିଜେପି ଉପରେ ବର୍ଷିଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନିଜେ କହୁଛନ୍ତି ଓଡ଼ିଶାକୁ ଏକ ନମ୍ବର କରିବେ। ଦୁଇ ଜଣ ମୁଖ୍ୟମନ୍ତ୍ରୀ ମଧ୍ୟ ଆସି କହୁଛନ୍ତି, ଓଡ଼ିଶାକୁ ଏକ ନମ୍ବର କରିବେ। କେନ୍ଦ୍ର ଗୃହମନ୍ତ୍ରୀ କହୁଛନ୍ତି; କର୍ଣ୍ଣାଟକକୁ, ତେଲେଙ୍ଗାନାକୁ ଏକ ନମ୍ବର କରିବେ। ଏତେ ବର୍ଷ ପରେ ସେମାନେ ଗୁଜରାଟକୁ ଏକ ନମ୍ବର ରାଜ୍ୟ କରିପାରିଲେ ନାହିଁ। ତେଣୁ ସେମାନେ ପ୍ରଥମେ କେଉଁ ରାଜ୍ୟକୁ ଏକ ନମ୍ବର କରିବେ ପ୍ରଥମେ ନିଷ୍ପତ୍ତି ନିଅନ୍ତୁ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆପଣମାନଙ୍କ ସ୍ନେହ, ଆଦର ଓ ଉତ୍ସାହଭାବ ଦେଖି ଏ ମାଟିର ପୁଅ କେନ୍ଦ୍ରମନ୍ତ୍ରୀ ଭୟରେ ନିଜକୁ ସମ୍ବଲପୁରକୁ କୋରିଅର କରି ଦେଇଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ସାରା ଦେଶରେ ଓଡ଼ିଶା ୧ ନମ୍ବର ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ସହଯୋଗରେ ଓଡ଼ିଶାକୁ ଏକ ନମ୍ବର କରିବେ। ଜୁନ ୯ ତାରିଖରେ ୧୧.୩୦ରୁ ଗୋଟାଏ ମଧ୍ୟରେ ନବୀନ ପଟ୍ଟନାୟକ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ପ୍ରଥମ ଦସ୍ତଖତ ହେବ ବିଜୁଳି ବିଲ୍ ଛାଡ୍, ଓଡ଼ିଶାର ୯୦ ପ୍ରତିଶତ ପରିବାର ଉପକୃତ ହେବେ। ଜୁଲାଇରୁ ବିଜୁଳି ବିଲ ଆସିବନାହିଁ, ଏହା ହେଉଛି ନବୀନ ବାବୁଙ୍କ ଗ୍ୟାରେଣ୍ଟି। ନବୀନ ବାବୁଙ୍କ ମାଗଣା ବିଜୁଳି ଘୋଷଣା ଶୁଣି ବିଜେପିକୁ କରେଣ୍ଟ ଲାଗିଲାଣି। ଆପଣମାନେ ଆଗୁଆ ୫୦ ହଜାର ଟଙ୍କା ଦେଲେ ସୋଲାର ପ୍ୟାନେଲ ବସାଇ ମାଗଣା ବିଜୁଳି ଦେବେ ବୋଲି କହୁଛନ୍ତି । ବିଜେପି ଦିନରେ ଲଣ୍ଠନ ଦେଖାଉଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ଦସ୍ତଖତରେ ବିଏସ୍‌କେୱାଇ କାର୍ଡରେ ସମସ୍ତେ ସାମିଲ ହେବେ। ତୃତୀୟ ଦସ୍ତଖତରେ ମିଶନ ଶକ୍ତି ମା'ମାନଙ୍କ ପାଇଁ ୬୦ ବର୍ଷରେ ଭତ୍ତା ବ୍ୟବସ୍ଥା ହେବ। ଏହି ତିନୋଟି ହେଉଛି ନବୀନ ବାବୁଙ୍କ ଗ୍ୟାରେଣ୍ଟି। ଏହାକୁ ଘରେ ଘରେ ପହଞ୍ଚାନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି ।

ଅନୁରୂପ ଭାବରେ ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ସଭାରେ ବିପୁଳ ଜନ ସମାବେଶ ଦେଖି ବିରୋଧୀଙ୍କ ଆତ୍ମବିଶ୍ୱାସ ଭାଙ୍ଗି ଗଲାଣି। ତେଣୁ ବାହାରୁ ଆସି ସେମାନଙ୍କ ନେତାମାନେ ନବୀନ ବାବୁଙ୍କୁ ଅସମ୍ମାନିତ କରୁଛନ୍ତି। ଆପଣମାନେ ସେହିବ୍ୟକ୍ତିମାନଙ୍କୁ କଡ଼ା ଜବାବ ଦିଅନ୍ତୁ । ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି, ତାହାକୁ କାର୍ଯ୍ୟରେ ପରିଣତ କରିଛନ୍ତି । ତେଣୁ ଶଙ୍ଖ ଚିହ୍ନକୁ ଆଶୀର୍ବାଦ କରନ୍ତୁ ଓ ବିପୁଳ ଭୋଟରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଜିତାନ୍ତୁ ବୋଲି ପ୍ରଣବପ୍ରକାଶ କହିଛନ୍ତି ।

### ୨୦ରୁ ପୁଣି...

ମଧ୍ୟ ଏହି ଜିଲ୍ଲାଗୁଡ଼ିକରେ ସମାନ ସ୍ଥିତି ସୃଷ୍ଟି ହେବା ନେଇ ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ତେବେ ୨୦ ତାରିଖରୁ ଏହି ସ୍ଥିତି ଆହୁରି ଜଟିଳ ହେବା ସହ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବ। ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନରେ ମଧ୍ୟ ତାତି ବୃଦ୍ଧି ନେଇ ଆଶଙ୍କା କରାଯାଇଛି। ଏଥିରେ କୁହାଯାଇଛି ଯେ ଦ୍ୱିତୀୟ ସପ୍ତାହରେ ୨୪-୩୦ ତାରିଖ ମଧ୍ୟରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଉପୁଜିବ। ପାଣିପାଗ କେନ୍ଦ୍ର କହିଛି, ଗ୍ରୀଷ୍ମ ଲହରୀ ସ୍ଥିତି ସମୟରେ ଉପକୂଳ ଓଡ଼ିଶାରେ ତାପମାତ୍ରା ୩୭-୩୯ ଡିଗ୍ରୀ ରହିବା ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩୯-୪୩ ଡିଗ୍ରୀ ମଧ୍ୟରେ ରହିପାରେ।

### ଦମ୍ପତିଙ୍କ ସମେତ...

୧୪୩ ନମ୍ବର ଜାତୀୟ ରାଜପଥ ଚାନ୍ଦିପୋଷ ଥାନା ଅନ୍ତର୍ଗତ ବିରତୋଳା ନିକଟରେ ଶୁକ୍ରବାର ଭୋର୍ ସମୟରେ ବୋଲେରୋ ଗାଡ଼ିଟି ଭାରସାମ୍ୟ ହରାଇ ପୋଲର କଂକ୍ରିଟ କାନ୍ଥରେ ଧକ୍କା ହୋଇଥିଲା। ଫଳରେ ଗାଡ଼ିର ଗ୍ଲାସ୍ ଭାଙ୍ଗି ଜଣେ ମହିଳା ପ୍ରାୟ ୨୦ ଫୁଟ ପୋଲ ତଳକୁ ଖସିପଡ଼ିଥିଲେ। ଅନ୍ୟମାନେ ଗାଡ଼ିରେ ଚାପିହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚାନ୍ଦିପୋଷ ଥାନା ଅଧିକାରୀ ମାନସ କୁମାର ମହାକୁଳ ଓ ଅନ୍ୟ ପୁଲିସ କର୍ମଚାରୀମାନେ ସମସ୍ତଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନା ପଠାଇଥିଲେ। ତେବେ ସମସ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାଉରକେଲା ଜୟପ୍ରକାଶ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତପନ, ସରୋଜିନୀ, ଅନିତା ଓ ଗଗନଙ୍କ ମୃତ୍ୟୁ ହୋଇଛି। ଚାଳକଙ୍କ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଥାଇ ପାରେ ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ପୁଲିସ ଜବତ କରିଛି।

### ପାଣ୍ଡିଆନଙ୍କ ୯ ପ୍ରଶ୍ନର...

ପଟ୍ଟନାୟକଙ୍କ ସହ ପ୍ରଚାର କରିବା ଅବସରରେ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଚରମ ଅବହେଳା ଉପରୁ ପରଦା ହଟାଇଛନ୍ତି ଶ୍ରୀ ପାଣ୍ଡିଆନ। ଏ ଅଞ୍ଚଳ ପାଇଁ, ମହାନଦୀ ପାଇଁ ମା ସମଲେଇଙ୍କ ପାଇଁ କ'ଣ କରିଛନ୍ତି, ସତ୍‌ସାହସ ଥିଲେ ଆଜି ସଂଧ୍ୟା ସୁଦ୍ଧା ଏହାର ଉତ୍ତର ଦେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଏ ଅଞ୍ଚଳର ପରିଚୟ ହେଉଛି ସମ୍ବଲପୁରୀ କୋଶଳୀ ଭାଷା। ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଏହାକୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପାଞ୍ଚ ଥର କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି। ମାତ୍ର କାହିଁକି ଏହାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଗଲା ନାହିଁ, କେନ୍ଦ୍ରମନ୍ତ୍ରୀ ଉତ୍ତର ଦେଇପାରିବେ କି? ସମ୍ବଲପୁରୀ ଶାଢ଼ୀ ଏ ଅଞ୍ଚଳର ମୁଖ୍ୟ ପରିଚୟ। ସମ୍ବଲପୁରୀ ଶାଢ଼ୀର ପ୍ରଚାର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର କଳାଭୂମିଠାରେ ମ୍ୟୁଜିୟମ୍ କରିଛନ୍ତି; କେନ୍ଦ୍ରମନ୍ତ୍ରୀ କ'ଣ କରିଛନ୍ତି ? ସମ୍ବଲପୁରୀ ଶାଢ଼ୀ ଡିଜାଇନରେ ଭୁବନେଶ୍ୱର ଠାରେ କୃଷିଭବନ ମୁଖ୍ୟମନ୍ତ୍ରୀ ତିଆରି କରିଛନ୍ତି। ଏହି ଭବନ ସାରା ବିଶ୍ୱରେ ଏକ ନମ୍ବର ହୋଇ ଆୱାର୍ଡ ପାଇଛି, ଏହା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଅବଦାନ ସମ୍ବଲପୁରୀ ଶାଢ଼ୀ ପାଇଁ। ମୁଖ୍ୟମନ୍ତ୍ରୀ ବୁଣାକାରମାନଙ୍କ ଉନ୍ନତି ପାଇଁ ଅନେକ ପ୍ୟାକେଜ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କଣ କରିଛନ୍ତି? ସେ ଚାହିଁଥିଲେ ଟେକ୍ସଟାଇଲ ପାର୍କ କରିପାରିଥାନ୍ତେ। ରପ୍ତାନୀ ପାଇଁ ଉଦ୍ୟମ କରିପାରିଥାନ୍ତେ। ମାତ୍ର କାହିଁକି କିଛି କଲେ ନାହିଁ? ଏ ଅଞ୍ଚଳର ବୀର ସୁରେନ୍ଦ୍ର ସାଏ, ଭୀମ ଭୋଇ, ଗଙ୍ଗାଧର ମେହେର, ପାର୍ବତୀ ଗିରିଙ୍କ ପରି ମହାନ ଓ ସ୍ମରଣୀୟ ବ୍ୟକ୍ତି ବିଶେଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜେପି ସରକାର କ'ଣ କରିଛି ? ମାତ୍ର ଆମ ସରକାର ଏହି ବରପୁତ୍ରମାନଙ୍କ ସ୍ମୃତି ପୀଠର ଉନ୍ନତି କରୁଛନ୍ତି। ସେମାନଙ୍କ ସମ୍ମାନାର୍ଥେ ବହୁ ଯୋଜନା ମଧ୍ୟ ନାମିତ କରିଛନ୍ତି। ରେଢ଼ାଖୋଲରେ ବ୍ୟାପକ ଜଳସେଚନର ସୁବିଧା କରିଛନ୍ତି।


ସେ ଆହୁରି କହିଛନ୍ତି ଯେ ମହାନଦୀ ଆମ ଓଡ଼ିଆଙ୍କ ଅସ୍ମିତା। ଓଡ଼ିଶାର ମହାନଦୀ ଆନ୍ଦୋଳନ ବେଳେ ବିଜେପି ସରକାର ଛତିଶଗଡ଼ ସହିତ ଠିଆ ହେଲା, ଅଥଚ ଓଡ଼ିଶାକୁ ଭୁଲିଗଲା। ମହାନଦୀ ଟ୍ରିବୁନାଲ ଗଠନକୁ ବିରୋଧ କଲା। ଓଡ଼ିଶାବାସୀ ଓ ଓଡ଼ିଶାର ଚାଷୀକୁଳଙ୍କୁ ସେ ସମୟରେ ବିଜେପି ସରକାର ଭୁଲିଗଲା। ମା ସମଲେଇ ପ୍ରକଳ୍ପ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ସ୍ୱପ୍ନର କାର୍ଯ୍ୟକ୍ରମ ଥିଲା। ସେତେବେଳେ ମଧ୍ୟ ସେମାନେ ଏହାକୁ ବିରୋଧ କଲେ। ବିରୋଧ କରି ସୁପ୍ରିମ୍ କୋର୍ଟ ପର୍ଯ୍ୟନ୍ତ ଗଲେ। ମା ସମଲେଇଙ୍କ କୃପାରୁ ସେମାନେ ଏଥିରେ ସଫଳ ହେଲେ ନାହିଁ। ସୁରୁଖୁରୁରେ ସମଲେଇ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ହେଲା। ଏହି ପ୍ରକଳ୍ପ ପାଇଁ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ବହୁ ପରିଶ୍ରମ କରିଛନ୍ତି । ସମ୍ବଲପୁର ଅଞ୍ଚଳର ବହୁ ଗରିବ ଲୋକ କେନ୍ଦୁପତ୍ର ଉପରେ ନିର୍ଭର କରିଥାନ୍ତି। କେନ୍ଦୁପତ୍ର ତୋଳାଳି ଉପରେ କେନ୍ଦ୍ରସରକାର ଜିଏସ୍‌ଟି ଲାଗୁ କଲେ। ବଡ଼ ବଡ଼ କମ୍ପାନୀ ଓ ପୁଞ୍ଜିନିବେଶକାରୀଙ୍କ ଠାରୁ ସିନା ଜିଏସ୍‌ଟି ନେବେ, କିନ୍ତୁ ଜଙ୍ଗଲ ଉପରେ ନିର୍ଭର କରୁଥିବା ଗରିବ ଲୋକଙ୍କ ଠାରୁ ଜିଏସ୍‌ଟି ନେବା କେଦେଦୂର ଉଚିତ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଉପରୁ ରାଜ୍ୟ ଜିଏସ୍‌ଟି ଫେରାଇ ନେଇଛନ୍ତି। ସେମାନଙ୍କ ପାଇଁ ବହୁତ ବଡ଼ ବଡ଼ ପ୍ୟାକେଜ କରିଛନ୍ତି। ପରିତାପର ବିଷୟ ଏଠାରେ ଭୋଟ ମାଗୁଥିବା କେନ୍ଦ୍ରମନ୍ତ୍ରୀ କେବେ ବି ସ୍ୱର ଉଠାଇଲେ ନାହିଁ।

ଏମ୍‌ଏସ୍‌ପି ଦୁଇଗୁଣ କରିବେ ବୋଲି ଖାଲି କଥାରେ କହୁଛନ୍ତି, କାମରେ ନାହିଁ। ଏବେ ନିର୍ବାଚନ ୧୦ ଦିନ ଅଛି, ସେଥିପାଇଁ ଏମ୍‌ଏସ୍‌ପି କଥା ମନେ ପଡୁଛି। ମୁଖ୍ୟମନ୍ତ୍ରୀ ସମ୍ବଲପୁରର ସବୁ ହାଇସ୍କୁଲକୁ ୫-ଟି ରୂପାନ୍ତରଣ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଗୋଟିଏ ସ୍କୁଲ କରିଛନ୍ତି କି? ଅଞ୍ଚଳ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦ୍ୟୟ ବିଦ୍ୟାଳୟ ଆଣିଛନ୍ତି ପାରିଲେ ନାହିଁ। ଦକ୍ଷତା ବିକାଶ ମନ୍ତ୍ରୀ ଭାବେ ସମ୍ବଲପୁର କିମ୍ବା ଦେଗଗଡ଼ରେ ଗୋଟିଏ ବି ଦକ୍ଷତା ବିକାଶ କେନ୍ଦ୍ର ଖୋଲିଲେ ନାହିଁ। ଏ ଅଞ୍ଚଳକୁ କାହିଁକି ଅବହେଳା କଲେ, ତାହାର ଜବାବ୍ ଦେବାର ସମୟ ଆସିଛି। ସେ କହିଥିଲେ ଯେ ପେଟ୍ରୋଲିୟମ୍ ମନ୍ତ୍ରୀ ଥିବା ବେଳେ ୨ ମାସକୁ ଥରେ ତାଙ୍କ ଦସ୍ତଖତରେ ପେଟ୍ରୋଲ, ଡିଜେଲ ଓ ଏଲ୍‌ପିଜି ଦର ବଢୁଥିଲା। ସାଧାରଣ ଖାଉଟିର କଷ୍ଟକୁ ସେତେବେଳେ ସେ କ'ଣ ଅନୁଭବ କରିପାରୁ ନ ଥିଲେ। କେନ୍ଦ୍ରମନ୍ତ୍ରୀ ଆତ୍ମସମୀକ୍ଷା କରନ୍ତୁ, ଲୋକଙ୍କ ପାଖରେ ଉତ୍ତରଦାୟୀ ହୁଅନ୍ତୁ। ମୁଖ୍ୟମନ୍ତ୍ରୀ ୩ ବର୍ଷ ମଧ୍ୟରେ ବିଜୁ ଏକ୍ସପ୍ରେସ୍-ୱେ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ। ଅଥଚ କଟକ-ସମ୍ବଲପୁର ରାସ୍ତା ୧୦ ବର୍ଷ ହେଲା ହୋଇପାରୁନାହିଁ। ଲୋକଙ୍କ ଯିବାଆସିବା ଅସୁବିଧା ଠାରୁ ଆରମ୍ଭ କରି ବହୁ ଧନଜୀବନ ଏଥିପାଇଁ କ୍ଷୟକ୍ଷତି ଘଟୁଛି। ଏମ୍‌ସିଏଲ୍ ପ୍ରତିବର୍ଷ କୋଇଲା ବାବଦକୁ ଓଡ଼ିଶାରୁ ୨୭ ହଜାର କୋଟି ଟଙ୍କା ପାଉଛି। କିନ୍ତୁ ଓଡ଼ିଶାବାସୀ ପାଉଛନ୍ତି ପ୍ରଦୂଷଣ , ଓଡ଼ିଶା ପାଉଛି ମାତ୍ର ୪ ହଜାର କୋଟି ଟଙ୍କା। ଏଇଟା କ'ଣ ଉଚିତ ହେଉଛି କି ? ସମ୍ବଲପୁର ଓ ରେଙ୍ଗାଲିର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କର ବହୁତ ବଡ଼ ମାଷ୍ଟର ପ୍ଲାନ ରହିଛି ବୋଲି ସେ ସୂଚନା ଦେଇ ବିଜୁ ଜନତା ଦଳର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ ଶ୍ରୀ ପାଣ୍ଡିଆନ ଅନୁରୋଧ କରିଛନ୍ତି ।

**ଖଲ୍ଲିକୋଟରେ ରାଜନୈତିକ ହିଂସା ଓ ହତ୍ୟା ଘଟଣା**

## ତଦନ୍ତ କରିବ ଏସ୍‌ଆଇଟି, ୩୦ ଦିନରେ ଚାର୍ଜସିଟ

■ କଟକ, ୧୭।୫ (ସମିସ): ପୋଷ୍ଟରମରାକୁ କେନ୍ଦ୍ର କରି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁରରେ ଘଟିଥିବା ନିର୍ବାଚନୀ ହିଂସା ଓ ହତ୍ୟାକାଣ୍ଡର ତଦନ୍ତ କରି ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି)। ଆଜି ପୁଲିସ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ଏନେଇ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ପୁଲିସ୍ ଏପର୍ଯ୍ୟନ୍ତ ୯ଜଣଙ୍କୁ ଗିରଫ କରିଥିବା ବେଳେ ବାକି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଏହାସହ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଉପଯୁକ୍ତ ତଥ୍ୟ ଓ ପ୍ରମାଣ ମଧ୍ୟ ସଂଗ୍ରହ କରାଯିବ। ଏହାସହ ହତ୍ୟା ମାମଲାର ଶୀଘ୍ର ବିଚାର କରାଯିବା ନିମନ୍ତେ ୩୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାକୁ ଡିଜିପି ଶ୍ରୀ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ଅନୁସନ୍ଧାନକାରୀ ଦଳ ସମୟ ସମୟରେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିଙ୍କୁ ରିପୋର୍ଟ ପ୍ରଦାନ କରିବ। ଏହାସହ ପ୍ରାକ୍ ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ରାଧାକ୍ରିଷନ ଶର୍ମା ଛତ୍ରପୁରରେ ଅବସ୍ଥାନ କରିବେ। ଗଞ୍ଜାମ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ସେ ତଦାରଖ କରିବେ। ଆଜିଠାରୁ ମତଦାନ ଶେଷ ହେବା ପର୍ଯ୍ୟନ୍ତ ଛତ୍ରପୁରରେ ଅବସ୍ଥାନ କରି ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ନଜର ରଖିବେ। ପୁଲିସ ମୁଖ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।





ଢେଙ୍କାନାଳ, ଜଟଣୀ, ରେଢ଼ାଖୋଲ ଓ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି

**ଧର୍ମଶାଳା ବିଧାନସଭା ଆସନ**

# ମଇଦାନରେ ୩ କୋଟିପତି ପ୍ରାର୍ଥୀ

**ଧର୍ମଶାଳା, ୧୭ ।୫ (ସମିସ):** ଧର୍ମଶାଳା ବିଧାନସଭା କ୍ଷେତ୍ରରେ ଚଳିତଥର କୋଟିପତି ପ୍ରାର୍ଥୀଙ୍କ ଲଢ଼େଇ ଦେଖିବାକୁ ମିଳିଛି । ବିଜେଡି, ବିଜେପି ଓ ଜଣେ ସ୍ୱାଧୀନ ପ୍ରାର୍ଥୀ କୋଟିପତି ତାଲିକାରେ ରହିଛନ୍ତି । ବିଜେଡିର ପ୍ରଣବ ବଳବନ୍ତରାୟ ସବୁଠାରୁ ଧନୀ ହୋଇଥିବା ବେଳେ ତାଙ୍କ ପଛକୁ ଧନୀ ତାଲିକାରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ଓ ବିଜେପି ପ୍ରାର୍ଥିନୀ ସ୍ମୃତିରେଖା ପହି ରହିଛନ୍ତି । ସେମାନେ ନାମାଙ୍କନ ସମୟରେ ଦାଖଲ କରିଥିବା ସତ୍ୟପାଠରେ ସେମାନଙ୍କ ସମ୍ପତ୍ତି ସମେତ ଶିକ୍ଷାଗତ ଯୋଗ୍ୟତା ଓ ଅପରାଧିକ ମାମଲା ଆଦି ଉଲ୍ଲେଖ ରହିଛି ।


ପ୍ରଣବ ବଳବନ୍ତରାୟ


ହିମାଂଶୁ ଶେଖର ସାହୁ


ସ୍ମୃତିରେଖା ପହି

**ବିଜେଡି, ବିଜେପି ଓ ଜଣେ ସ୍ୱାଧୀନ ପ୍ରାର୍ଥୀ କୋଟିପତି**

ପ୍ରଣବଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ପାଖାପାଖି ୨୯ କୋଟି ରହିଥିବା ବେଳେ ତା' ପଛକୁ ହିମାଂଶୁଙ୍କ ସମ୍ପତ୍ତି ୨୮ କୋଟି ଥିବା ସେମାନେ ତଥ୍ୟ ଦେଇଛନ୍ତି । ସେହିପରି ସ୍ମୃତିଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୩କୋଟି ଟଙ୍କାରୁ ଅଧିକ ହେବ । ବିଜେଡି ପ୍ରାର୍ଥୀ ପ୍ରଣବଙ୍କ ନାମରେ ଆଦୌ ଅପରାଧିକ ମାମଲା ନ ଥିବା ବେଳେ ବିଜେପିର ଶ୍ରୀମତୀ ପହି ଓ ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ସାହୁଙ୍କ ନାମରେ ଅପରାଧିକ ମାମଲା ରହିଛି । ସେହିପରି କଂଗ୍ରେସ ପ୍ରାର୍ଥୀ କିଶନ ପଣ୍ଡା ମଧ ଅପରାଧୀ ମାମଲା ଶୂନ୍ୟ । ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ସ୍ମୃତିରେଖା ସର୍ବାଗ୍ରେ ରହିଛନ୍ତି । ସେ ସାମାଜିକ କଲ୍ୟାଣ ବିଷୟରେ ମାଷ୍ଟର୍ ଡିଗ୍ରୀ କରିଛନ୍ତି । ପ୍ରଣବ ବାଣିଜ୍ୟରେ ସ୍ନାତକ ପାସ୍ କରିଛନ୍ତି । ହିମାଂଶୁ +ଦୁଇ ପାସ୍ କରିଛନ୍ତି । କଂଗ୍ରେସ ପ୍ରାର୍ଥୀ କିଶନ ରାଉରକେଲା ଆଇନ ମହାବିଦ୍ୟାଳୟରୁ ଓ ସ୍ୱାଧୀନ ପ୍ରାର୍ଥୀ ସତୀଶ ବିଶ୍ୱାଳ କଟକ ଆଇନ ମହାବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଛନ୍ତି । ସେହିପରି ସ୍ୱାଧୀନ ପ୍ରାର୍ଥୀ ଲାଲୁ ପ୍ରସାଦ କଦମ ବାଣିଜ୍ୟରେ ସ୍ନାତକ ହାସଲ କରିଛନ୍ତି । ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି ।

**ବିଜେପିର ନିର୍ବାଚନ ପ୍ରଚାର ସଭାରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ**

# ଫାଙ୍କା ପଡ଼ିଲା ଶହଶହ ଚେୟାର

**ସାନଖେମୁଣ୍ଡି, ୧୭ ।୫(ସମିସ):** ଆସନ୍ତା ୨୦ ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସିକା ସଂସଦୀୟ କ୍ଷେତ୍ରର ଭୋଟର୍ ନିଜର ମତଦାନ ସାବ୍ୟସ୍ତ କରିବେ । ଏଥିପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଜୋରଦାର୍ ପ୍ରଚାର ଚାଲିଛି । ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜାତୀୟସ୍ତରର ନେତା, ମନ୍ତ୍ରୀ, ଅଭିନେତା, ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଆସି ସେମାନଙ୍କ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି । ତେବେ ଘମାଘୋଟ ପ୍ରଚାରର ଏଭଳି ମାହୋଲ ଭିତରେ ସାନଖେମୁଣ୍ଡିରେ ଅନୁଷ୍ଠିତ ବିଜେପିର ନିର୍ବାଚନୀ ସଭାରେ ଏକ ନିରାଶାଜନକ ଚିତ୍ର ଆଜି ସାମ୍ନାକୁ ଆସିଛି । ଏହି ସଭାରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଯୋଗ ଦେଇଥିଲେ ହେଁ ସଭାରେ ଶହଶହ ଚେୟାର୍ ଫାଙ୍କି ପଡ଼ିଥିବା ଦେଖାଯାଇଥିଲା । ଖାଲି ସେତିକି ନୁହେଁ, ସଭା ଅଧାରୁ ବହୁ ସଂଖ୍ୟାରେ ଲୋକ ଉଠି ଚାଲି ଯାଇଥିଲେ । ଏହି ଘଟଣା ଆଜି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟହୋଇଛି ।


ଅଧା ସଭାରୁ ଉଠି ଚାଲିଗଲେ ଲୋକେ

ସୂଚନାନୁଯାୟୀ, ଶୁକ୍ରବାର ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାନଖେମୁଣ୍ଡି ବ୍ଲକ ପି.ରାମଚନ୍ଦ୍ରପୁର ପଞ୍ଚାୟତ ପି. ଜଗନ୍ନାଥପୁର ଗ୍ରାମ ପଡ଼ିଆ ନିକଟରେ ଆୟୋଜିତ ହେଇଥିବା ବିଜେପିର ବିଜୟ ସଂକଳ୍ପ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଯୋଗ ଦେଇଥିଲେ । ଏଥିରେ ପାଖାପାଖି ୧୫୦୦ ଚେୟାର୍ ପଡ଼ିଥିବା ବେଳେ ସେଥିମଧ୍ୟରୁ ଅଧାରୁ ଅଧିକ ଫାଙ୍କା ପଡ଼ିଥିବା ଦେଖାଯାଇଥିଲା । ସେହିପରି ବିଜେପିର ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭାଷଣ ଦେଉଥିବା ବେଳେ ବିରକ୍ତ ହୋଇ ଲୋକମାନେ ସଭା ଛାଡ଼ିଥିଲେ । ତା'ଠୁ ବଳି ରୋଚକ କଥା ହେଲା, ସଭା ବାହାରେ ଘୁମୁସର ଜିଲ୍ଲା ଉପସଭାପତି ବିଭୁ ପ୍ରସାଦ ରେଡି ଓ ଶତାଧିକ ବିଜେପି କର୍ମୀ ଆସିକା ସାଂସଦ ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ । ସେମାନଙ୍କ ଅଭିଯୋଗ ହେଲା, ସାଂସଦ ପ୍ରାର୍ଥିନୀ ତାଙ୍କୁ ଦଳୀୟ ଦାୟିତ୍ୱ ଦେଉନାହାନ୍ତି କି ଅଞ୍ଚଳ ଲୋକଙ୍କ ସହ ଯୋଗାଯୋଗରେ ନାହାନ୍ତି ।

କାର୍ଯ୍ୟକ୍ରମରେ ଓଡ଼ିଶା ସ୍ୱଚ୍ଛ ଭାରତ ସଭାପତି ମହେଶ ମହାନ୍ତି, ଘୁମୁସର ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ସିନେ କଳାକାର ହରିହର ମହାପାତ୍ର, ସାଂସଦ ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ, ବିଧାୟକ ପ୍ରାର୍ଥୀ ଉତ୍ତମ ପାଣିଗ୍ରାହୀ, ଜିଲ୍ଲା ସଂଯୋଜକ ଓ ଓବିସି ମୋର୍ଚ୍ଚା ସଭାପତି ଗଦାଧର ସ୍ୱାଇଁ, ଘୁମୁସର ଜିଲ୍ଲା ଉପସଭାପତି ବିଭୁ ପ୍ରସାଦ ରେଡୀ ପ୍ରମୁଖ ମଞ୍ଚାସୀନ ଥିଲେ ।

**■ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ**

# ଭୋଟର୍‌ଙ୍କୁ ପଦ୍ମଫୁଲ ଓ ନିଜ ଫଟୋ ଥିବା କପ୍ ବାଣ୍ଟୁଛନ୍ତି ସମ୍ବିତ ପାତ୍ର

**ପୁରୀ, ୧୭।୫(ସମିସ):** ପୁରୀ ଲୋକସଭା କ୍ଷେତ୍ରରେ ନିର୍ବାଚନ ଆଚରଣ ବିଧି ଖୋଲାଖୋଲି ଉଲ୍ଲଂଘନ ହୋଇଛି । ଭୋଟରଙ୍କୁ ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ପଦ୍ମଫୁଲ ଫଟୋ ଥିବା କପ୍ ବଣ୍ଟନ କରାଯାଉଛି । ପୂର୍ବରୁ ମଧ ସମ୍ବିତ ପାତ୍ର ଭୋଟରଙ୍କୁ ଏକ ଘଣ୍ଟା ବାଣ୍ଟିଥିଲେ । ଯେଉଁଥିରେ ସମ୍ବିତ ପାତ୍ର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ସହ ବିଜେପି ନିର୍ବାଚନ ଚିହ୍ନ ପଦ୍ମ ଫୁଲ ରହିଥିଲା । ଏହାକୁ ନେଇ ବେଶ୍ ହଟଚମଟ ହୋଇଥିବା ବେଳେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ଫେରାଦ୍ ହୋଇଥିଲା ଆପ୍ । ଏହାପରେ ବି ଭୋଟରଙ୍କୁ ପ୍ରଲୋଭିତ କରିବାର ଧାରାରୁ ଓହରି ନାହାନ୍ତି ବିଜେପି ପ୍ରାର୍ଥୀ । ଏବେ ଭୋଟର୍‌ଙ୍କୁ ସମ୍ବିତ ପାତ୍ର ଏବଂ ବିଜେପିର ଦଳୀୟ ଚିହ୍ନ ପଦ୍ମଫୁଲ ଥିବା କପ୍ ବଣ୍ଟାଯାଇଥିବା ଅଭିଯୋଗ ହୋଇଛି । ଶୁକ୍ରବାର ରଥଖଳାରେ ଏଭଳି କପ୍ ଦେଖିବାକୁ ମିଳିଥିଲା ।

ପୁରୀର ମହେଶ୍ୱର ବେହେରା କହିଛନ୍ତି, ଘଣ୍ଟା, କପ୍ ପ୍ରଲୋଭନ ଦେଖାଇ ବିଜେପି ପ୍ରାର୍ଥୀ ନିଜର ଓ ଦଳର ପ୍ରଚାର ନିମନ୍ତେ ଏଭଳି ଫର୍ମୁଲା ଆପଣାଇଛନ୍ତି । ଏହା ଆଇନ ବିରୋଧୀ । ସାଧାରଣ ନିର୍ବାଚନ ପାଇଁ ଏବେ ସମଗ୍ର ଭାରତବର୍ଷରେ ନିର୍ବାଚନ ଆଚରଣ ବିଧି ଲାଗୁ କରାଯାଇଛି । ମାତ୍ର ଏହାକୁ ଉଲ୍ଲଂଘନ କରିଛନ୍ତି ବିଜେପି ପ୍ରାର୍ଥୀ । ଭୋଟରଙ୍କୁ ଏଭଳି କପ୍ ଦେଇ ପ୍ରଲୋଭନ କରିବା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ବୋଲି ଶ୍ରୀ ବେହେରା କହିବା ସହ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବା ଦରକାର ବୋଲି କହିଛନ୍ତି ।



**ବିଜେପିରେ ସାଂଗଠନିକ ସଙ୍କଟ**

# ୨ ଦିନରେ ଦଳ ଛାଡ଼ିଲେ ୩ ପୂର୍ବତନ ବିଧାୟକ

**ଭୁବନେଶ୍ୱର, ୧୭ ।୫(ସମିସ):** ରାଜ୍ୟରେ ଗୋଟିଏ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଆଉ ୩ ପର୍ଯ୍ୟାୟ ନିର୍ବାଚନ ବାକି ଅଛି । ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଜେପିରୁ ୨ ଦିନରେ ଇସ୍ତଫା ଦେଇଛନ୍ତି ୩ ପୂର୍ବତନ ବିଧାୟକ । ନିଜ ନିଜ ଅଞ୍ଚଳରେ ଏହି ପୂର୍ବତନ ବିଧାୟକଙ୍କ ପତିଆରା ଥିବା ବେଳେ ସେମାନଙ୍କ ଇସ୍ତଫା ବିଜେପିକୁ ବେଶ୍ କ୍ଷତି ପହଞ୍ଚାଇବ ବୋଲି ଆଲୋଚନା ହେଉଛି ।

ବୁଧବାର ବ୍ରଜରାଜନଗରର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ଦଳରୁ ଇସ୍ତଫା ଦେଇଥିଲେ । ଗୁରୁବାର ଗୋଟିଏ ଦିନରେ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ ଏବଂ ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ମଧ ଦଳ ଛାଡ଼ିଛନ୍ତି । ଦଳରେ ଅଣଦେଖା ସହ ବିଭିନ୍ନ ଅଭିଯୋଗ ଆଣି ରାଧାରାଣୀ ଏବଂ ରମାରଞ୍ଜନ ଦଳ ଛାଡ଼ିଥିବା ବେଳେ ରାଜୁଙ୍କ ପ୍ରତି ଦଳ ଚରମ ବିଶ୍ୱାସଘାତକତା କରିଥିବା ନେଇ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି । ତାଙ୍କୁ ଧାମନଗର ପରିବର୍ତ୍ତେ ସୋରରୁ ଟିକଟ ଦେଇ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନରେ ତାଙ୍କ ଟିକଟ କାଟି ଦଳ ପ୍ରତାରିତ କରିଥିବା ରାଜୁଙ୍କ ସମର୍ଥକ ଅଭିଯୋଗ କରିଛନ୍ତି । ଏହା ବିଜେପିର ଅସଲ ଚରିତ୍ର ଏବଂ ଚେହେରାକୁ ପଦାରେ ପକାଇଛି ବୋଲି ରାଜୁଙ୍କ ସମର୍ଥକମାନେ ମତବ୍ୟକ୍ତ କରୁଛନ୍ତି । ଅପରପକ୍ଷେ ଉଭୟ ରାଧାରାଣୀ ଏବଂ ରମାରଞ୍ଜନ ଭାରତୀୟ ଜନତା ପାର୍ଟିରେ ଅଭିଜ୍ଞ ନେତା ହୋଇଥିବା ବେଳେ ଉଭୟଙ୍କର ନିର୍ବାଚନମଣ୍ଡଳୀରେ ଭଲ ପ୍ରଭାବ ରହିଛି । ବିଶେଷକରି ବ୍ରଜରାଜନଗରରୁ ୨୦୧୪ ମସିହାରେ ରାଧାରଣୀ ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୧୯ ଏବଂ ପରେ ଅନୁଷ୍ଠିତ ଉପନିର୍ବାଚନରେ ସେ ସେଠାରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ତେବେ ଉପନିର୍ବାଚନରେ ତାଙ୍କୁ ଦଳର ବରିଷ୍ଠ ନେତା ସୁରେଶ ପୂଜାରୀ ସହଯୋଗ କରିନଥିବା ନେଇ ରାଧାରାଣୀ ଅଭିଯୋଗ କରିଥିଲେ ଓ ଚଳିତ ନିର୍ବାଚନରେ ଦଳ ତାଙ୍କ ବଦଳରେ ସୁରେଶଙ୍କୁ ଟିକଟ ଦେବାକୁ ନେଇ ସେ କ୍ଷୁବ୍ଧ ଥିଲେ । ସେ ବିଜେପିରୁ ଇସ୍ତଫା ଦେବା ପରେ ବ୍ରଜରାଜନଗର ରାଜନୀତି ବେଶ୍ ଗୋଳମାଳିଆ ହୋଇଯାଇଛି ଓ ଏହା ବିଜେପିକୁ କ୍ଷତି ପହଞ୍ଚାଇବ ବୋଲି ରାଜନୀତିକ ମହଲରେ ମତ ପ୍ରକାଶ ପାଇଛି । ଅପରପକ୍ଷେ ନିର୍ବାଚନ ଚାଲିଥିବା ଦଳର ଗୋଟିଏ ପରେ ଗୋଟିଏ ହେଭିୱେଟ ଏବଂ ବରିଷ୍ଠ ନେତା ଦଳ ଛାଡ଼ିବା, ଦଳର ଭାବମୂର୍ତ୍ତିକୁ ବହୁକାଂଶରେ କ୍ଷତି ପହଞ୍ଚାଇବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

**ପାଟକୁରା ନିର୍ବାଚନମଣ୍ଡଳୀ**

# ଦୁଇ ଦଶନ୍ଧି ହେଲା ବିଜେଡି ହାତରେ

**ଡେରାବିଶ, ୧୭।୫ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ । ଏହି ନିର୍ବାଚନମଣ୍ଡଳୀଟି ଡେରାବିଶ ବ୍ଲକର ୨୬ଟି ପଞ୍ଚାୟତ, ଗରଦପୁର ବ୍ଲକର ୧୮ଟି ପଞ୍ଚାୟତ ଓ ମାର୍ଶାଘାଇ ବ୍ଲକର ୭ଟି ପଞ୍ଚାୟତକୁ ନେଇ ଗଠିତ । ୧୯୫୧ରୁ ଏହି ନିର୍ବାଚନମଣ୍ଡଳୀର ଭୋଟର ୧୭ଟି ଭୋଟକୁ ସାମ୍ନା କରି ସାରିଥିବାବେଳେ ଚଳିତ ୨୦୨୪ରେ ୧୮ ତମ ବିଧାୟକଙ୍କୁ ଆସନ୍ତା ଜୁନ୍ ୧ ତାରିଖରେ ମତଦାନ କରି ନିର୍ବାଚିତ କରିବାକୁ ଯାଉଛନ୍ତି । ଏଥର ନିର୍ବାଚନ ମଇଦାନରେ ୯ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି । ଶାସକ ବିଜେଡି ଦଳରୁ ଅରବିନ୍ଦ ମହାପାତ୍ର, ବିଜେପିରୁ ତେଜେଶ୍ୱର ପରିଡ଼ା, କଂଗ୍ରେସରୁ ଡଃ. ରତିକାନ୍ତ ନାୟକ ଓ ଆପ୍‌ରୁ ଅଶୋକ ତ୍ରିପାଠୀ ପ୍ରାର୍ଥୀ ହୋଇଛନ୍ତି । ଏମାନେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି । ଫଳରେ ଏହି ତିନି ଦଳ ମଧ୍ୟରେ ଲଢ଼େଇ ଜୋର୍‌ଦାର୍ ହେଉଛି ।

ପାଟକୁରା ନିର୍ବାଚନମଣ୍ଡଳୀରେ ୨, ୫୧, ୫୪୮ ଜଣ ଭୋଟର ରହିଛନ୍ତି । ସେଥିମଧ୍ୟରୁ ୧୨୯୭୧୬ ଜଣ ପୁରୁଷ, ୧୨୧୮୨୪ ଜଣ ମହିଳା ଓ ୮ ଜଣ ତୃତୀୟଲିଙ୍ଗ ମତଦାତା ରହିଛନ୍ତି ।


ଅରବିନ୍ଦ ମହାପାତ୍ର


ତେଜେଶ୍ୱର ପରିଡ଼ା


ଡଃ. ରତିକାନ୍ତ ନାୟକ


ଅଶୋକ ତ୍ରିପାଠୀ

ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀରେ ଓଡ଼ିଶାର ବରପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୮୦ରେ ନିର୍ବାଚନ ଲଢ଼ିଥିଲେ । ଚଳିତ ୨୦୨୪ ନିର୍ବାଚନରେ ପ୍ରମୁଖ ବିଜେଡି ଦଳ ପକ୍ଷରୁ ଅରବିନ୍ଦ ମହାପାତ୍ର, ବିଜେପି ଦଳ ପକ୍ଷରୁ ତେଜେଶ୍ୱର ପରିଡ଼ା, କଂଗ୍ରେସ ଦଳ ପକ୍ଷରୁ ଡଃ ରତିକାନ୍ତ ନାୟକ ଓ ଆମ ଆଦମୀ ପାର୍ଟି ପକ୍ଷରୁ ଅଶୋକ ତ୍ରିପାଠୀ ପ୍ରାର୍ଥୀ ହୋଇଛନ୍ତି । ସେହିପରି ମାନସ ଲୋକଶକ୍ତି ଦଳର ବରଦା ପ୍ରସାଦ ମଲିକ, ବହୁଜନ ସମାଜବାଦୀ ପାର୍ଟିର ଚିଦାନନ୍ଦ ପରିଡ଼ା, ସ୍ୱାଧୀନ ପ୍ରାର୍ଥୀ ଭାବେ ରୋନିତ ରୋଶନ କାନୁନ୍‌ଗୋ ଓ ବିଭୁତି ଭୂଷଣ ପଣ୍ଡା ରହିଥିବା ବେଳେ ସମାଜବାଦୀ ପାର୍ଟିର ପ୍ରଦୀପ୍ତ କୁମାର ମିଶ୍ର ପ୍ରାର୍ଥୀ ରହିଥିବା ନିର୍ବାଚନ ଲଢୁଛନ୍ତି ।

ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ନବାଗତ ଓ ପ୍ରଥମ କରି ବିଧାୟକ ପ୍ରାର୍ଥୀ ହୋଇଛନ୍ତି । ଅରବିନ୍ଦ ପୂର୍ବତନ ମନ୍ତ୍ରୀ ତଥା ଟାଣୁଆ ନେତା ବିଜୟ ମହାପାତ୍ରଙ୍କ ପୁଅ ହୋଇଥିବାରୁ ବାପାଙ୍କ ପୁରୁଣା ସଂଗଠନ ଓ ବିଜେଡିର ସଂଗଠନକୁ ନେଇ ସେ ତାଙ୍କ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି । ସେ ପ୍ରତ୍ୟେକ ଦିନ ଦଳର ଛାମୁଆ କର୍ମୀ ଓ ପଞ୍ଚାୟତ ସ୍ତରୀୟ ନେତାଙ୍କୁ ଧରି ଗାଁକୁ ଗାଁ ଓ ଘରକୁ ଘର ବୁଲି ପ୍ରଚାର ଅଭିଯାନ ଚଳାଇଛନ୍ତି ।

**ମଇଦାନରେ ୯ ପ୍ରାର୍ଥୀ; ଲଢ଼େଇ ଜୋରଦାର**

ସେହିପରି ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ପ୍ରଥମଥର ପାଇଁ ବିଧାୟକ ଭାବେ ନିର୍ବାଚନ ଲଢୁଛନ୍ତି । ସେ ଛାତ୍ର ଜୀବନରୁ ରାଜନୀତିରେ ବିଜେଡିରୁ ତାଙ୍କର କ୍ୟାରିୟର ଆରମ୍ଭ କରି ରାଜ୍ୟ ଖଦି ବୋର୍ଡ ଅଧକ୍ଷ ଭାବେ ୫ବର୍ଷ ନିର୍ବାହ କରିଥିଲେ । ତେବେ ବିଜେପିର ସଂଗଠନକୁ ଧରି ସେ ନିର୍ବାଚନ ବୈତରଣୀ ପାରି ହେବାକୁ ଅଣ୍ଟା ଭିଡ଼ିଛନ୍ତି । ସେହିପରି କଂଗ୍ରେସ ପ୍ରାର୍ଥୀ ରତିକାନ୍ତ କାନୁନ୍‌ଗୋ ୨୦୧୯ରେ ଏହି ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିଲେ । ପରେ କଂଗ୍ରେସ ଦଳରେ ଯୋଗଦେଇ ସେ କଂଗ୍ରେସ କର୍ମୀଙ୍କୁ ସାଙ୍ଗରେ ଧରି ନିର୍ବାଚନ ବୈତରଣୀ ପାର ହେବାକୁ ଜୋରଦାର ଉଦ୍ୟମ ଚଳାଇଛନ୍ତି । ପାଟକୁରାରେ ପ୍ରଥମ କରି ଆମ୍ ଆଦମୀ ପାର୍ଟି ପକ୍ଷରୁ ଦଳୀୟ ଟିକଟରେ ବିଶିଷ୍ଟ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ ନିର୍ବାଚନ ଲଢୁଛନ୍ତି । ଶ୍ରୀ ତ୍ରିପାଠୀ ଜଣେ ଟାଣୁଆ ଶ୍ରମିକ ନେତା ହୋଇଥିବାରୁ ସେ ଶ୍ରମିକ ସଂଗଠନର ବହୁ କର୍ମୀ ଓ ଆପ୍ ଦଳର ନେତାଙ୍କୁ ଧରି ନିର୍ବାଚନ ବୈତରଣୀ ପାର ହେବାକୁ ପ୍ରୟାସ କରୁଛନ୍ତି ।

ତେବେ ବିଜେଡିର ଗଡ଼ ଭାବେ ପରିଚିତ ଏହି ନିର୍ବାଚନମଣ୍ଡଳୀଟି ଗତ ଦୁଇ ଦଶନ୍ଧି ଧରି ବିଜେଡି ହାତରେ ରହିଛି । ଗତ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ, ୨୦୧୪ ଓ ୨୦୦୯ରେ ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲ ଓ ୨୦୦୪ରେ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧୀନରେ ରହିଥିଲା ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫ • ପାଉଣ୍ଡ ୧୦୫.୭୮
- ୟୁରୋ ୯୦.୧୪ • ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୬୦୦ (ଭୁବନେଶ୍ୱର)
- ରୁପା : ୮୯,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୩,୯୧୭.୦୦
- ନିଫ୍ଟି ୨୨,୪୬୦.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ ଆଶଙ୍କା

## ଚାଇନା ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବଢ଼ାଇଲା ୱାଶିଂଟନ୍

## ଭାରତରେ ବଳକା ସାମଗ୍ରୀ ଡମ୍ପିଂ କରିପାରେ ଡ୍ରାଗନ୍

**ନୂଆଦିଲ୍ଲୀ, ୧୭ା୫ (ଏଜେନ୍ସି)**

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଆମେରିକା ଚୀନ୍‌ରୁ ଆମଦାନୀ କରାଯାଉଥିବା ସାମଗ୍ରୀ ଉପରେ ନୂଆ କଟକଣା ଜାରି କରିଛି। ବେଜିଂରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୱାଶିଂଟନ୍ ୨୫ ପ୍ରତିଶତରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଆମଦାନୀ ଟିକସ ଲଗାଇଛି। ଏହି କାରଣରୁ ଉଭୟ ଦେଶ ମଧ୍ୟରେ ପୁଣିଥରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ନେଇ ସମଗ୍ର ବିଶ୍ୱ ଏବେ ଚିନ୍ତାରେ। ଭାରତର ଚିନ୍ତାର କାରଣ ଅନ୍ୟ କିଛି ରହିଛି। ଏହା ଆମେରିକା ଅପେକ୍ଷା ଚୀନ୍ ସହିତ ଅଧିକ ଜଡିତ, କାରଣ ଏହି ପ୍ରସଙ୍ଗରେ ଭାରତକୁ ଚୀନ୍‌ର ପଡ଼ୋଶୀ ହେବାର କ୍ଷତି ସହିବାକୁ ପଡିବ, ବାସ୍ତବରେ ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଯୁଦ୍ଧର ଭୟଯୋଗୁଁ, ଭାରତ ଚିନ୍ତିତ ଅଛି ବର୍ତ୍ତମାନ ଚାଇନାରୁ ଡମ୍ପିଂ ବୃଦ୍ଧି ହେବାର ସମ୍ଭାବନା ରହିଛି। ରପ୍ତାନିକାରୀଙ୍କ ସଂଗଠନ ଏଫ୍ଆଇଇଓ ଅନୁସାରେ ଚୀନ ପାଖରେ ଇଲେକ୍ଟ୍ରିକ ଯାନବାହାନ ପରି ଅନେକ କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ କ୍ଷମତା ରହିଛି। ବେଜିଂ ଏବଂ ୱାଶିଂଟନ ମଧ୍ୟରେ ବଢୁଥିବା ବାଣିଜ୍ୟ ଯୁଦ୍ଧ କାରଣରୁ ଘରୋଇ ବଜାରରେ ଚାଇନା ସାମଗ୍ରୀର ଡମ୍ପିଂ ଭଳି ବିପଦକୁ ଏଡାଇ ଦିଆଯାଇପାରିବନାହିଁ।

ଏଫ୍ଆଇଇଓ କହିଛି ଯେ, ଚୀନ୍ ଦ୍ୱାରା ଡମ୍ପିଂ ବୃଦ୍ଧି ପାଇଁ ଭାରତକୁ ସତର୍କ ରହିବାକୁ ପଡିବ। ଏଭଳି ପରିସ୍ଥିତିରେ ଚୀନ୍ ଏବଂ ଆମେରିକା ମଧ୍ୟରେ ବଢୁଥିବା ବାଣିଜ୍ୟ ଯୁଦ୍ଧ ହେତୁ ଘରୋଇ ବଜାରରେ ସାମଗ୍ରୀ ଠୁଳ କରିବାର ବିପଦ ରହିଛି। ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ରପ୍ତାନି ସଂଗଠନ (ଏଫ୍ଆଇଇଓ)ର ସଭାପତି ଅଶ୍ୱିନୀ କୁମାର କହିଛନ୍ତି ଯେ ଉଦ୍ୟୋଗ ସହିତ ସରକାର ଚାଇନାରୁ ଆମଦାନୀ ଉପରେ ତୀକ୍ଷ୍ଣ ନଜର ରଖିବା ଉଚିତ୍। ଯଦି ଡମ୍ପିଂ ହୁଏ, ତେବେ ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ଟ୍ରେଡ୍ ରେମେଡିଜ (ଡିଜିଟିଆର)କୁ ବ୍ୟବସାୟର ସୁରକ୍ଷା ପାଇଁ ଉଚିତ୍ ପଦକ୍ଷେପ ନେବାକୁ ଆବଶ୍ୟକ ପଡ଼ିବ। ଅଶ୍ୱିନୀ କୁମାର ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଚୀନ ଅନେକ କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ ରଖୁଛି। ଏଭଳି ସ୍ଥଳେ କୌଣସି ମାମଲାରେ ଡମ୍ପିଂର ବିପଦକୁ ଏଡାଇ ଦିଆଯାଇପାରିବନାହିଁ। ଖାସକରି ସେତେବେଳେ, ଯେତେବେଳେ ତାଙ୍କ ରପ୍ତାନୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ବନ୍ଦ ହୋଇଯାଇଛି। ଚୀନ ଉପରେ ଅତିରିକ୍ତ ଶୁଳ୍କରେ ପ୍ରଭାବିତ ଉତ୍ପାଦରେ ଭାରତ ପାଖରେ ଫେସ୍‌ମାସ୍କ, ପିପିଇ, ସିରିଞ୍ଜ, ଛୁଞ୍ଚି, ମେଡିକାଲ ଗ୍ଲୋଭ୍ସ, ଆଲୁମିନିୟମ ଏବଂ ଲୁହା ଏବଂ ଇସ୍ପାତରେ ସୁଯୋଗ ରହିଛି। ସେ କହିଛନ୍ତି, ଚୀନ ମଧ୍ୟ ଆମେରିକୀୟ ରପ୍ତାନୀ ଉପରେ ପାଲଟା କାର୍ଯ୍ୟାନୁଷ୍ଠାନରେ ଭାରତ ପାଇଁ ସୁଯୋଗ ସୃଷ୍ଟି ହୋଇପାରେ।



ଏଫ୍ଆଇଇଓ ଅଧ୍ୟକ୍ଷ କହିଛନ୍ତି ଯେ ଲୋହିତ ସାଗର ସଙ୍କଟର ସାମୁଦ୍ରିକ ମାଲ ପରିବହନ ଏବଂ ଆକାଶ ମାର୍ଗରୁ ମାଲ ପରିବହନ ଉଭୟ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ଏହା ଭାରତୀୟ ରପ୍ତାନୀକୁ ପ୍ରଭାବିତ କରୁଛି। ସେ କହିଛନ୍ତି, ସମୁଦ୍ର ଏବଂ ଆକାଶ ମାର୍ଗରୁ ମାଲ୍ ପରିବହନ ଖର୍ଚ୍ଚରେ ବୃଦ୍ଧି ଯୋଗୁଁ ବିଦେଶୀ କ୍ରେତାଙ୍କ ପାଇଁ ଭାରତରୁ ଆମଦାନୀ ଅଧିକ ମହଙ୍ଗା ହେଉଛି। ଫଳରେ ବୈଶ୍ୱିକ ବଜାରରେ ଭାରତର ପ୍ରତିଦ୍ୱନ୍ଦ୍ୱିତାକୁ କ୍ଷତି ସହିବାକୁ ପଡୁଛି। ଅଧିକ ମହଙ୍ଗା କାରଣରୁ ଦେଶକୁ କିଛି ଅର୍ଡର ହରାଇବାକୁ ପଡୁଛି। ଏଥିପାଇଁ ଭାରତ ସରକାର ଏବଂ ରପ୍ତାନକାରୀ ଏହି ପ୍ରଭାବକୁ କମ କରିବା ଉପରେ ରଣନୀତି କରିବା ଦରକାର। ଯେପରି କି ବୈକଳ୍ପିକ ଶିପିଂ ମାର୍ଗର ସନ୍ଧାନ ଏବଂ ଶିପିଂ ଲାଇନ ସହ ଆଲୋଚନା କରିବା।

ଡିଜିଟିଆର ହେଉଛି ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ ଅନୁସନ୍ଧାନ ୟୁନିଟ୍। ଏହା ଡମ୍ପିଂ ମାମଲାକୁ ଦେଖାରଖା କରିବା ସହ ଆଣ୍ଟି-ଡମ୍ପିଂ ଡ୍ୟୁଟି ଲାଗୁ କରିଥାଏ। ଏହି ଆଧାରରେ ଅର୍ଥ ମନ୍ତ୍ରଣାଳୟ ଆଣ୍ଟି ଡମ୍ପିଂ ଡ୍ୟୁଟି ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଶ୍ରୀ କୁମାର କହିଛନ୍ତି ଯେ ଚାଇନାର ଅନେକ କ୍ଷେତ୍ରରେ ଅଧିକ କ୍ଷମତା ରହିଛି। ଏହାକୁ ଦୃଷ୍ଟିରେ ରଖି ଡମ୍ପିଂ ହେବାର ଆଶଙ୍କା ଏଡ଼ାଇ ଦିଆଯାଇପାରିବନାହିଁ। ବିଶେଷକରି ଯେତେବେଳେ ସେମାନଙ୍କର ରପ୍ତାନି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ବନ୍ଦ ହୋଇଯାଏ, ଆମେରିକା ମଙ୍ଗଳବାର ଦିନ ଚାଇନାର ବୈଦ୍ୟୁତିକ ଯାନ, ଉନ୍ନତ ବ୍ୟାଟେରୀ, ସୋଲାର ପ୍ୟାନେଲ୍, ଇସ୍ପାତ, ଆଲୁମିନିୟମ ଏବଂ ଚିକିତ୍ସା ଉପକରଣ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଲାଗୁ କରିବାକୁ ଯୋଜନା କରିଛି।

# ନେପାଳରେ ନିଷିଦ୍ଧ ହେଲା ଏଭରେଷ୍ଟ, ଏମ୍‌ଡିଏଚ୍ ମସଲା

**କାଠମାଣ୍ଡୁ, ୧୭ା୫(ଏଜେନ୍ସି):** ସିଙ୍ଗାପୁର ଓ ହଂକଂ ପରେ ପରେ ନେପାଳ ଏବେ ଭାରତୀୟ ବ୍ରାଣ୍ଡ ଏଭରେଷ୍ଟ ଓ ଏମଡିଏଚ୍ ମସଲା ଉପରେ ପ୍ରତିବନ୍ଧକ ଲାଗୁ କରିଛି। ନେପାଳର ଖାଦ୍ୟ ପ୍ରଯୁକ୍ତିବିଦ୍ୟା ଏବଂ ଗୁଣବତ୍ତା ନିୟନ୍ତ୍ରଣ ବିଭାଗ ଏହି ଦୁଇ ଭାରତୀୟ ମସଲା ବ୍ରାଣ୍ଡର ଆମଦାନୀ, ବ୍ୟବହାର ଏବଂ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଇଛି। ଏଥିରେ ଇଥାଇଲିନ ଅକ୍ସାଇଡର ସ୍ତର କେତେ ରହିଛି ବୋଲି ପରୀକ୍ଷା ଆରମ୍ଭ ହୋଇଥିବା ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି। ଉତ୍ପାଦଗୁଡିକରେ ଉଚ୍ଚ ସ୍ତରର ଇଥାଇଲିନ ଅକ୍ସାଇଡ ରହିଥିବା ନେଇ ରିପୋର୍ଟ ହସ୍ତଗତ ହେବା ପରେ ନେପାଳ ଏହି ଦୁଇଟି ମସଲା ବ୍ରାଣ୍ଡ ଉପରେ ପ୍ରତିବନ୍ଧକ ଲଗାଇଛି। ଏହି ଦୁଇ ଭାରତୀୟ ମସଲା ବ୍ୟବହାର ଫଳରେ କର୍କଟ ରୋଗ ହେବାର ସମ୍ଭାବନା ରହିଛି, ଏଥିରେ ମାରାତ୍ମକ କୀଟନାଶକ ଇଥିଲିନ୍ ଅକ୍ସାଇଡ଼ ବ୍ୟବହାର କରାଯାଇଛି। ଆମେ ଏହାର ବିକ୍ରି ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଛୁ। ନେପାଳର ଖାଦ୍ୟ ପ୍ରଯୁକ୍ତିବିଦ୍ୟା ଏବଂ ଗୁଣବତ୍ତା ନିୟନ୍ତ୍ରଣ ବିଭାଗର ମୁଖପାତ୍ର ମୋହନ କୃଷ୍ଣ ମହାରାଜ ଏହା କହିଛନ୍ତି। ଏହି ଦୁଇଟି ନିର୍ଦ୍ଦିଷ୍ଟ ବ୍ରାଣ୍ଡର ମସଲାରେ ଥିବା ରାସାୟନିକ ପଦାର୍ଥ ପାଇଁ ପରୀକ୍ଷା ଚାଲିଛି। ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଏହି ନିଷେଧାଦେଶ ଜାରି ରହିବ। ପୂର୍ବରୁ ହଂକଂ ଏବଂ ସିଙ୍ଗାପୁର ଏହା ଉପରେ ପ୍ରତିବନ୍ଧକ ଲାଗୁ କରିସାରିଛନ୍ତି।

# ଓଡିଏମ୍‌ରେ 'ସମର ସ୍କିଲ୍ କ୍ୟାମ୍ପ' ଉଦ୍‌ଘାଟିତ



**ଭୁବନେଶ୍ୱର,୧୭ା୫(ସମିସ):** ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ଚଳିତବର୍ଷର ଗ୍ରୀଷ୍ମକାଳୀନ ଶିବିର 'ସମର ସ୍କିଲ୍ କ୍ୟାମ୍ପ-୨୦୨୪' ଉଦ୍‌ଘାଟିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ର-ଛାତ୍ରୀମାନେ ଯୋଗଦେଇଥିଲେ। ଏହି ଉତ୍ସବରେ ପ୍ରଥମରୁ ନବମ ଶ୍ରେଣୀର ପିଲାମାନଙ୍କୁ ତିନୋଟି ବିଭାଗରେ ବିଭକ୍ତ କରାଯାଇ ଉପଯୁକ୍ତ କୋଚ୍‌ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅଧ୍ୟକ୍ଷ ଡ. ମୀନକେତନ ପ୍ରତ୍ୟେକ ବିଦ୍ୟାର୍ଥୀ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରଶଂସା କରିଥିଲେ। ପାଠପଢା ସହିତ ବିଭିନ୍ନ କ୍ରିୟାକଳାପ ମାଧ୍ୟମରେ ପିଲାମାନଙ୍କୁ ଅଧିକ ପ୍ରୋତ୍ସାହିତ କରାଗଲେ ସେମାନେ ଭବିଷ୍ୟତରେ ଜଣେ ଜଣେ ଦକ୍ଷ ସୁନାଗରିକ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିନିମନ୍ତେ ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ପିଲାଙ୍କ ରୁଚିକୁ ସମ୍ମାନ ଦେଇ ସେମାନଙ୍କ ପସନ୍ଦ ଅନୁଯାୟୀ କାର୍ଯ୍ୟକଲେ ପିଲାମାନେ ନିଶ୍ଚୟ ଭଲ ପ୍ରଦର୍ଶନ କରିପାରିବେ। ଏହି ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅନ୍ତର୍ଜାତୀୟ ପ୍ରଶିକ୍ଷକମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ସନ୍ତରଣ, ଚିତ୍ରକଳା, ବାଦ୍ୟଯନ୍ତ୍ର, ଗଳ୍ପକଥନ, ଯୋଗ, ପ୍ରାଣାୟାମ, ବାସ୍କେଟବଲ୍, ଫୁଟବଲ୍, କ୍ରିକେଟ୍, ଭଲିବଲ୍, ଟେନିସ୍, ମାର୍କେଟିଂ ଏପରିକି ଫଟୋଗ୍ରାଫି ମଧ୍ୟ ପ୍ରଶିକ୍ଷଣ ଦିଆଯିବ। ବିଦ୍ୟାଳୟର ଶିକ୍ଷା-ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ପାଇଁ ଶିକ୍ଷା-ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା।

# ବନ୍ଧନ ବ୍ୟାଙ୍କର ମୋଟ ବ୍ୟବସାୟ ୨.୫ ଲକ୍ଷ କୋଟି ଟପିଲା

**ଭୁବନେଶ୍ୱର,୧୭ା୫(ଏଜେନ୍ସି):** ବନ୍ଧନ ବ୍ୟାଙ୍କ ପକ୍ଷରୁ ୨୦୨୩-୨୪ ଆର୍ଥିକବର୍ଷର ଚତୁର୍ଥ (ଶେଷ) ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ବ୍ୟାଙ୍କର ମୋଟ ବ୍ୟବସାୟ ଏହି ସମୟରେ ୨୦ ପ୍ରତିଶତ ବୃଦ୍ଧି ପାଇ ୨.୬୦ ଲକ୍ଷ କୋଟି ଟଙ୍କା ହୋଇଛି। ମୋଟ ଜମାରେ ବ୍ୟାଙ୍କର ରିଟେଲ୍ ଭାଗ ଏବେ ପ୍ରାୟ ୭୦ ପ୍ରତିଶତ ରହିଛି। ବିତରଣରେ ସମ୍ପ୍ରସାରଣ, ବ୍ୟବସାୟରେ ଦକ୍ଷତା ଓ ଅନୁକୂଳ ପରିଚାଳନା ପରିବେଶକୁ ନେଇ ଏହି ତ୍ରୈମାସିକରେ ବ୍ୟାଙ୍କ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଚତୁର୍ଥ ତ୍ରୈମାସିକରେ ବ୍ୟାଙ୍କ ଦେଶରେ ୫୦ଟି ଶାଖା ଖୋଲିଛି। ବ୍ୟାଙ୍କ ଭାରତରେ ୬୩୦୦ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଜରିଆରେ ୩.୩୫ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି। ବନ୍ଧନ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମୋଟ କର୍ମଚାରୀଙ୍କ ସଂଖ୍ୟା ୭୬୦୦୦ରୁ ଅଧିକ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୨୫% ବୃଦ୍ଧି ପାଇଛି। ମୋଟ ଜମା ଏବେ ୧.୩୫ ଲକ୍ଷ କୋଟି ଏବଂ ମୋଟ ଅଗ୍ରୀମ ୧.୨୫ ଲକ୍ଷ କୋଟି ଟଙ୍କା ରହିଥିବା ବନ୍ଧନ ବ୍ୟାଙ୍କର ଏମଡି ଓ ସିଇଓ ଚନ୍ଦ୍ର ଶେଖର ଘୋଷ କହିଛନ୍ତି।

# ବଦଳିଲା 'ଏକ୍ସ'ର ଡୋମେନ୍

**ନୂଆଦିଲ୍ଲୀ,୧୭ା୫(ଏଜେନ୍ସି)**




**ଟ୍ୱିଟରଡଟ୍‌କମ୍ ହେଲା 'ଏକ୍ସଡଟ୍‌କମ୍'**

ବିଶ୍ୱର ଜଣାଶୁଣା ସୋସିଆଲ ମିଡିଆ 'ଏକ୍‌ରେ ହୋଇଛି ବଡ଼ ଧରଣର ପରିବର୍ତ୍ତନ। ଏ ନେଇ ମାଲିକ ଏଲନ୍ ମସ୍କ ଘୋଷଣା କରିଛନ୍ତି। ବଦଳିଲା 'ଏକ୍ସ'ର ଡୋମେନ୍ ନାମ। ପ୍ଲାଟଫର୍ମ ପୂର୍ବରୁ ଟ୍ୱିଟର ଭାବରେ ଏହା ବେଶ ଜଣାଶୁଣା। ଏହାର ୱେବସାଇଟ ୟୁଆରଏଲ୍‌କୁ ଟ୍ୱିଟର ଡଟ କମ୍‌ରୁ ଏକ୍ସ ଡଟ୍ କମ୍‌କୁ ପରିବର୍ତ୍ତନ କରାଯାଇଛି। ମସ୍କକୁ ଜୁଲାଇ ୨୦୨୩ ରେ ଏହି ପ୍ଲାଟଫର୍ମକୁ ନିଜ ଅଧିନରେ ଆଣିଲା ପରେ ଏହି ପରିବର୍ତ୍ତନ ହୋଇଛି। ଏକ୍ସ ପଛରେ ଥିବା ଟିମ ଏକ ବର୍ଷଧରି ୟୁଆରଏଲ୍‌ର ପରିବର୍ତ୍ତନ ଉପରେ କାର୍ଯ୍ୟ କରିଆସୁଥିଲେ। କମ୍ପାନୀ ଏହାର ଅଫିସିଆଲ ସାଇଟରେ ପୋଷ୍ଟ କରି ଏକ ନୋଟରେ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରି କହିଛି ଯେ, ଆମେ ଆପଣଙ୍କୁ ଜଣାଇ ଦେଉଛୁ ଯେ, ଆମେ ଆମର ୟୁଆରଏଲ ପରିବର୍ତ୍ତନ କରୁଛୁ। କିନ୍ତୁ ଆପଣଙ୍କର ସମ୍ପୂର୍ଣ୍ଣ ଡାଟା ସୁରକ୍ଷା ପାଇଁ ସମସ୍ତ ସେଟିଂ ସମୂହ ପୂର୍ବ ଭଳି ସମାନ ରହିଛି। ମସ୍କ ତାଙ୍କର ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି କହିଛନ୍ତି ଯେ, ପୂର୍ବରୁ ଥିବା ସମସ୍ତ ସିଷ୍ଟମ ଏହି ଏକ୍ସରେ ଉପଲବ୍ଧ, ଏହାର ଫିଚରରେ କୌଣସି ପ୍ରକାର ଫିଚର ପରିବର୍ତ୍ତନ କରାଯାଇନାହିଁ। ଏଲନଙ୍କ ରକେଟ କମ୍ପାନୀ, ସ୍ପେସ ଏକ୍ସପ୍ଲୋରେସନ ଟେକ୍ନୋଲୋଜି କର୍ପ ସ୍ପେସ ଏକ୍ସ ଭାବରେ ବିଶ୍ୱରେ ପରିଚିତ।

# ସାମ୍‌କୋ ସ୍ପେସିଆଲ ଅପର୍ଚୁନିଟିଜ ଫଣ୍ଡର ଶୁଭାରମ୍ଭ

**ଭୁବନେଶ୍ୱର,୧୭ା୫(ସମିସ):** ସାମ୍‌କୋ ଆସେଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ସାମ୍‌କୋ ସ୍ପେସିଆଲ ଅପର୍ଚୁନିଟିଜ ଫଣ୍ଡ (ଏସଓଏଫ)ର ଶୁଭାରମ୍ଭ କରାଯାଇଛି। ବଜାରରେ ଥିବା ସୁଯୋଗକୁ ଚିହ୍ନଟ କରିବା ଲାଗି ଏହି ଫଣ୍ଡକୁ ସ୍ୱତନ୍ତ୍ର ଭାବେ ବିକାଶ କରାଯାଇଛି ଏବଂ ଏହାର ଲକ୍ଷ୍ୟ ହେଉଛି ଦୀର୍ଘକାଳୀନ ପୁଞ୍ଜି ଅଭିବୃଦ୍ଧି ପ୍ରଦାନ କରିବା। ଏହାର ନିଉ ଫଣ୍ଡ ଅଫର (ଏନଏଫଓ) ୨୦୨୪ ମେ' ୧୭ରେ ଆରମ୍ଭ ହୋଇ ମେ' ୩୧ରେ ବନ୍ଦ ହେବ। ସାମକୋ ମ୍ୟୁଚୁଆଲ ଫଣ୍ଡର ସ୍ପେସିଆଲ ଅପର୍ଚୁନିଟିଜ ଫଣ୍ଡରେ ୧୦ଟି ନିର୍ଦ୍ଦିଷ୍ଟ ଉପ ବର୍ଗ ରହିଛି ଯାହା ହେଉଛି ଡିଜିଟାଇଜେସନ, ଇନସାଇଡର ମିରର ଟ୍ରେଡିଂ, ସ୍ପିନ ଅଫ ଓ କର୍ପୋରେଟ ଆକ୍ସନ, ରିଫର୍ମ-ରେଗୁଲେଟୋରି,ସରକାର, ଅଣ୍ଡର ଭାଲ୍ୟୁଡ ହୋଲଡିଂ କଂପାନି, ପ୍ରିମିୟମାଇଜେସନ, ଟ୍ରେଣ୍ଡସ ସଷ୍ଟେନେବଲ, ନବସୃଜନ ଓ ବୈଜ୍ଞାନିକ ପ୍ରଯୁକ୍ତି, ସଂଗଠିତ ପରିବର୍ତ୍ତନ, ନୂତନ ଏବଂ ଉଦୀୟମାନ କ୍ଷେତ୍ର। ଏହି ଫଣ୍ଡର ଏକ ପ୍ରମୁଖ ବିଶେଷତ୍ୱ ହେଉଛି ଡାଇନାମିକ ଫ୍ଲେକ୍ସିବିଲିଟି ଯାହା ଏହାକୁ ବିଭିନ୍ନ କ୍ଷେତ୍ରରେ ପ୍ରବେଶ କରି ଉଦୀୟମାନ ଧାରାକୁ ଜାଣିବା ଏବଂ ବଜାରର ଚଳନରୁ ଲାଭ ଉଠାଇବାରେ ସାହାଯ୍ୟ କରିବ। ସାମ୍‌କୋ ମ୍ୟୁଚୁଆଲ ଫଣ୍ଡର ସିଇଓ ବିରାଜ ଗାନ୍ଧି କହିଛନ୍ତି ଯେ, 'ସାମକୋ ମ୍ୟୁଚୁଆଲ ଫଣ୍ଡରେ ଆମର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ ଏବଂ ବିଶ୍ୱସନୀୟ ଆର୍ଥିକ ସମାଧାନ ସହିତ ନିବେଶକମାନଙ୍କୁ ସଶକ୍ତ କରିବା।

# ଓସିପିଏଲ, ମନୋହରପୁର ପକ୍ଷରୁ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୧୭ା୫(ସମିସ):** ଓସିପିଏଲ, ମନୋହରପୁର ପକ୍ଷରୁ ନିମୋନୋକୋନିଓସିସ୍ ଉପରେ ଏକ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଡିଜିଏମ୍‌ଏସ୍ ଭୁବନେଶ୍ୱର ଅଞ୍ଚଳ-୨ ଅଧୀନରେ ଓସିପିଏଲ୍‌ର ମନୋହରପୁର କୋଇଲା ଖଣି ପ୍ରକଳ୍ପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୨୦୦ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ଖଣି ସୁରକ୍ଷା ନିର୍ଦ୍ଦେଶକ ପ୍ରଫୁଲ୍ଲ ରଞ୍ଜନ ଠାକୁର ଏବଂ ଖଣି ସୁରକ୍ଷା ଉପନିର୍ଦ୍ଦେଶକ



ଉଲିମେଲା ଶିବଶଙ୍କର, ପ୍ରକଳ୍ପ ମୁଖ୍ୟ ଏଲ ଆର ସି ରେଡ଼ି, ମାନବସମ୍ବଳ ମ୍ୟାନେଜର ବିଜୟ କୁମାର ସାହୁ, ଖଣି ଏଜେଣ୍ଟ ପ୍ରବୀଣ ରଞ୍ଜନ, ଖଣି ମ୍ୟାନେଜର ସୁଧାଂଶୁ ସିଂହ୍ନା ଓ ଏନଟିପିସିର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଓସିପିଏଲ ର ମୁଖ୍ୟ ଚିକିତ୍ସାରୀ ରାଜେଶ ମାର୍ସେଲ ବାଜଙ୍କ ନେତୃତ୍ୱରେ ଓସିପିଏଲର ଡାକ୍ତରୀ ଦଳ ନିମୋନୋକୋନିଓସିସ୍ - ଏକ ଧୂଳି ସମ୍ବନ୍ଧୀୟ ଫୁସଫୁସ ରୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।

# ବଶ୍‌ର ନୂଆ ସେମି-ଅଟୋମାଟିକ୍ ୱାଶିଂମେସିନ୍

**ଭୁବନେଶ୍ୱର,୧୭ା୫(ମସିସ):** ହୋମ୍ ଆପ୍ଲାଏନ୍ସ ଶିଳ୍ପର ଏକ ଅଗ୍ରଣୀ କମ୍ପାନୀ ବିଏସଏଚ ହସ୍‌ଜରେଟ ଜିଏମବିଏଚର ସହାୟକ କମ୍ପାନୀ, ବିଏସଏଚ ହୋମ ଆପ୍ଲାଏନ୍ସେସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ନୂତନ ରେଞ୍ଜ 'ମେଡ୍-ଇନ୍-ଇଣ୍ଡିଆ' ସେମି-ଅଟୋମାଟିକ ୱାଶିଂମେଶିନ୍‌ର ଶୁଭାରମ୍ଭ କରାଯାଇଛି, ଯାହାକି ଭାରତୀୟ ଘରଗୁଡିକର ପୋଷାକ ଯତ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଯତ୍ନର ସହ ନିର୍ମିତ ହୋଇଛି। ଉପଭୋକ୍ତା କେନ୍ଦ୍ରିତ ଓ ମେକ୍ ଇନ୍ ଇଣ୍ଡିଆର ଭାବଧାରା ପ୍ରତି ଦୃଢ ପ୍ରତିବଦ୍ଧତା ସହିତ ବଶ୍ ଏକ ଅତୁଳନୀୟ ଲଣ୍ଡ୍ରି ବା ସଫେଇ ଅନୁଭୂତି ନେଇଆସିଛି। ଜର୍ମାନ ସ୍ତରର ସମାନ ଗୁଣବତା ଓ ଡିଜାଇନ ସହ ନିର୍ମିତ ଏହି ୱାଶିଂମେଶିନଗୁଡିକ ଆନ୍ତର୍ଜାତୀୟ ବେଞ୍ଚମାର୍କ ସହିତ ସମକକ୍ଷ ବିଶ୍ୱସନୀୟତା ଓ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରୁଛନ୍ତି। ଏହି ନୂଆ ସେମି-ଅଟୋମାଟିକ ରେଞ୍ଜ ପିକକ୍ ବ୍ଲୁ, ୱାଇନ, ଲିଲାକ୍, କୋରାଲ ପିଙ୍କ୍, ଟାଞ୍ଜେରିନ ଅରେଞ୍ଜ, ସ୍ୟାମ୍ପେନ ଗୋଲ୍ଡ ଓ ସାଇନିଂ ବ୍ଲାକ୍ ଭଳି ଆକର୍ଷଣୀୟ ରଙ୍ଗରେ ଆସୁଛି। ଏହି ଅଭିନବ ରେଞ୍ଜର ମୁଖ୍ୟ ଆକର୍ଷଣ ହେଉଛି ଏହାର ସୁନ୍ଦର ଡିଜାଇନ ଯାହା ଏହାକୁ ବଜାରର ଅନ୍ୟ ୱାଶିଂ ମେଶିନଗୁଡିକ ତୁଳନାରେ ଭିନ୍ନ କରୁଛି। ଏହା ସଫେଇ କାର୍ଯ୍ୟକୁ ଅଧିକ ଦକ୍ଷ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଗ୍ରାହକ-କୈନ୍ଦ୍ରିକ ଫିଚରଗୁଡିକ ସହ ସୁସଜ୍ଜିତ ହୋଇଆସୁଛି।

# ଭାରତରେ ଅଲ୍-ଇଲେକ୍ଟ୍ରିକ ବିଏମଡବ୍ଲ୍ୟୁ ଆଇ୫-ଏମ୍‌୬୦ ଏକ୍ସଡ୍ରାଇଭ ଉନ୍ମୋଚିତ

**ଭୁବନେଶ୍ୱର,୧୭ା୫(ସମିସ):** ଭାରତରେ ଫାଷ୍ଟ-ଏଭର ବିଏମ୍‌ଡବ୍ଲ୍ୟୁଆଇ୫ର ଶୁଭାରମ୍ଭ କରାଯାଇଛି। ଏହା ସ୍ୱତନ୍ତ୍ର ଭାବେ ବିଏମଡବ୍ଲ୍ୟୁ ଏମ ପରଫରମାନ୍ସ ମଡେଲ, ବିଏମଡବ୍ଲ୍ୟୁ ଆଇ୫ ଏମ୬୦ ଏକ୍ସଡ୍ରାଇଭ୍ ଭାବେ ଉପଲବ୍ଧ ହେବ। ଫାଷ୍ଟ-ଏଭର ବିଏମଡବ୍ଲ୍ୟୁ ଆଇ୫ ଏମ୬୦ ଏକ୍ସଡ୍ରାଇଭ ଭାରତର ସମସ୍ତ ବିଏମଡବ୍ଲ୍ୟୁ ଡିଲରସିପଗୁଡିକରେ ଏକ କମ୍ପ୍ଲିଟଲି ବିଲ୍ଟ-ଅପ୍ ୟୁନିଟ୍(ସିବିୟୁ) ଭାବେ ଉପଲବ୍ଧ ହେଉଛି। ଫାଷ୍ଟ-ଏଭର୍ ବିଏମଡବ୍ଲ୍ୟୁ ଆଇ୫ ଏମ୬୦ ଏକ୍ସଡ୍ରାଇଭ ୧,୧୯,୫୦,୦୦୦ ଟଙ୍କାର ଏକ ଏକ୍ସ- ଶୋରୁମ୍ ମୂଲ୍ୟରେ ଉପଲବ୍ଧ। ଏ ସମ୍ପର୍କରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ଅଧ୍ୟକ୍ଷ ବିକ୍ରମ ପାୱା କହିଛନ୍ତି, ଫାଷ୍ଟ-ଏଭର ବିଏମଡବ୍ଲୁ ଆଇ୫ ଏମ୬୦ ଏକ୍ସଡ୍ରାଇଭ ସହିତ ଆପଣ ଏକ ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ ଅନୁଭୂତି ପାଇପାରିବେ। ଏହି କାର୍ ଅସୀମିତ କିଲୋମିଟର ପାଇଁ ଦୁଇ ବର୍ଷର ଷ୍ଟାଣ୍ଡାର୍ଡ ୱାରେଣ୍ଟି ସହ ଆସୁଛି। ରିପେୟାର ଇନ୍‌କ୍ଲୁସିଭ୍ ପରିଚାଳନାର ୩ୟ ବର୍ଷରୁ ୱାରେଣ୍ଟିକୁ ସର୍ବାଧିକ ୫ମ ବର୍ଷ ପର୍ଯ୍ୟନ୍ତ ବିନା କୌଣସି ମାଇଲେଜ୍ ସୀମାରେ ସମ୍ପ୍ରସାରିତ କରିପାରିବ। ଏଥିରେ ଥିବା ହାଇ-ଭୋଲ୍ଟେଜ ବ୍ୟାଟେରୀ ୮ ବର୍ଷ କିମ୍ବା ୧୬୦,୦୦୦ କିମିର ପର୍ଯ୍ୟନ୍ତର ଏକ ୱାରେଣ୍ଟି ବୈଧତାକୁ ସାମିଲ କରିଛି।




## ବିକାଶ ହାରକୁ ନେଇ ମିଳିତ ଜାତିସଂଘର ସଂଶୋଧିତ ରିପୋର୍ଟ

# ୨୦୨୪ରେ ଭାରତର ଅଭିବୃଦ୍ଧି ୭%

**ନୂଆଦିଲ୍ଲୀ,୧୭ା୫(ଏଜେନ୍ସି)**



୨୦୨୪ରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ପାଖାପାଖି ୭ ପ୍ରତିଶତ ରହିବ। ଏ ନେଇ ମିଳିତ ଜାତିସଂଘ (ୟୁଏନ୍)ଆକଳନ କରିଛି। ଦେଶର ଅଭିବୃଦ୍ଧି ଆକଳନରେ ସଂଶୋଧନ କରି ଜାତିସଂଘ କହିଛି ଯେ, ଚଳିତବର୍ଷ ଭାରତର ଅର୍ଥନୀତି ପ୍ରାୟ ୭ ପ୍ରତିଶତ ହାରରେ ଅଭିବୃଦ୍ଧି ଘଟିବ। ସାର୍ବଜନୀନ ନିବେଶ ଏବଂ ଘରୋଇ ଉତ୍ପାଦନରେ ବୃଦ୍ଧି ପାଇଁ ଭାରତୀୟ ଅର୍ଥ ବ୍ୟବସ୍ଥା ତୀବ୍ର ଗତିରେ ଆଗକୁ ବଢ଼ିବ ବୋଲି ସଂଗଠନ ଏହାର ପୂର୍ବାନୁମାନ ରିପୋର୍ଟରେ କହିଛି। ଗୁରୁବାର ପ୍ରକାଶିତ ଜାତିସଂଘର ୨୦୨୪ ମଧ୍ୟଭାଗ ସୁଦ୍ଧା ବୈଶ୍ୱିକ ଆର୍ଥିକ ସ୍ଥିତି ଏବଂ ସମ୍ଭାବନା (ଡବ୍ଲ୍ୟୁଇଏସ୍‌ପି) ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୪ ମସିହାରେ ଭାରତର ଅର୍ଥନୀତି ୬.୯ ପ୍ରତିଶତ ଏବଂ ୨୦୨୫ରେ ୬.୬ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବ।

ମୁଖ୍ୟତଃ ଦୃଢ ସରକାରୀ ପୁଞ୍ଜି ବିନିଯୋଗ ଏବଂ ଘରୋଇ ଉପଯୋଗିତାରେ ବୃଦ୍ଧି ଦ୍ୱାରା ଏହି ଅଭିବୃଦ୍ଧି ପରିଚାଳିତ ହେବ। ଯଦିଓ ବାଣିଜ୍ୟ ରପ୍ତାନି ଅଭିବୃଦ୍ଧି ଉପରେ ବଢିଥିବା ବାହ୍ୟ ଚାହିଦା ଜାରି ରହିବ, ଫାର୍ମାସ୍ୟୁଟିକାଲ୍ସ ଏବଂ ରାସାୟନିକ ରପ୍ତାନି ଦୃଢ ଭାବରେ ବିସ୍ତାରିତ ହେବ ବୋଲି ଆଶା କରାଯାଉଛି। ଚଳିତବର୍ଷ ଜାନୁଆରୀରେ ଜାତିସଂଘ ୬.୨ ପ୍ରତିଶତ ହାରରେ ଭାରତର ଅଭିବୃଦ୍ଧି ଘଟିବା ନେଇ ଧାର୍ଯ୍ୟ କରିଥିଲା, ଯାହା ବର୍ତ୍ତମାନ ଉପରକୁ ସଂଶୋଧିତ ହୋଇଛି। ରିପୋର୍ଟ ଅନୁଯାୟୀ, ଭାରତୀୟ ଅର୍ଥ ବ୍ୟବସ୍ଥା ୨୦୨୪ ଆର୍ଥିକବର୍ଷରେ ୬.୯ ପ୍ରତିଶତ ପର୍ଯ୍ୟନ୍ତ ଅଭିବୃଦ୍ଧି ହାସଲ କରିବ। ସେହିପରି ଜାତିସଂଘ ୨୦୨୫ ଆର୍ଥିକବର୍ଷରେ ବିକାଶ ହାର ୬.୬ ପ୍ରତିଶତ ପର୍ଯ୍ୟନ୍ତ ରହିବ। ରିପୋର୍ଟରେ କୁହାଯାଇଛି, ରପ୍ତାନୀ ହାର କମିବା ଯୋଗୁ ଉତ୍ପାଦନ ମଧ୍ୟ ହ୍ରାସ ପାଇବ। ମିଳିତ ଜାତିସଂଘ ଏହା ପୂର୍ବରୁ ଜାନୁଆରୀ ମାସରେ ପୂର୍ବାନୁମାନ କରିଥିଲା କି ୨୦୨୪ରେ ଭାରତର ଅଭିବୃଦ୍ଧି ହାର ୬.୨ ପ୍ରତିଶତ ରହିବ। ଏକ ଦୃଢ ଅଭିବୃଦ୍ଧି ଏବଂ ଅଧିକ ଶ୍ରମଶକ୍ତିର ଅଂଶଗ୍ରହଣ ମଧ୍ୟରେ ଶ୍ରମ ବଜାର ସୂଚକାଙ୍କଗୁଡ଼ିକ ମଧ୍ୟ ଉନ୍ନତ ହୋଇଛି। ଆର୍ଥିକ ନିଅଣ୍ଟକୁ ଧୀରେ ଧୀରେ ହ୍ରାସ କରିବା ଏବଂ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାକୁ ମଧ୍ୟ ସରକାର ପ୍ରତିବଦ୍ଧ ବୋଲି କୁହାଯାଇଛି। ଚଳିତ ଆର୍ଥିକବର୍ଷରେ ମୁଡିସ୍ ରେଟିଂ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ୬.୬ ପ୍ରତିଶତ ରହିବା ନେଇ ପୂର୍ବାନୁମାନ କରିବା ପରେ ଜାତିସଂଘର ଆକଳନ ଆସିଛି, ଯାହା ଆରବିଆଇ ଏବଂ ଅନ୍ୟାନ୍ୟ ଏଜେନ୍ସି ତୁଳନାରେ କମ୍ ରହିଛି। ଏହାବ୍ୟତୀତ ଡେଲଏଟ ତୁଳନାରେ ଏହା ୬.୬ ପ୍ରତିଶତ ଅଭିବୃଦ୍ଧି ଆକଳନ କରିଛି। ଅନ୍ୟପକ୍ଷରେ ଆରବିଆଇ ଚଳିତ ଆର୍ଥିକବର୍ଷରେ ଭାରତ ପାଇଁ ୭ ପ୍ରତିଶତ ଅଭିବୃଦ୍ଧି ଆକଳନ କରିଥିବାବେଳେ ଏସ ଆଣ୍ଡ ପି ଗ୍ଲୋବାଲ ରେଟିଂ ଏବଂ ମୋର୍ଗାନ ଷ୍ଟାନ୍‌ଲେ ୬.୮ ପ୍ରତିଶତ ଅଭିବୃଦ୍ଧିର ଆକଳନ କରିଛି। ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଏବଂ ଫିଚ୍ ରେଟିଂ ମଧ୍ୟ ୭ ପ୍ରତିଶତ ଅଭିବୃଦ୍ଧି ଆକଳନ କରିଛନ୍ତି।




■ ୨୦୨୭ ମହିଳା ଫିଫା ବିଶ୍ୱକପ୍

# ବ୍ରାଜିଲ ଆୟୋଜକ

ଜୁରିକ୍, ୧୭ ।୫ (ଏଜେନ୍ସି)

ଲାଟିନ୍ ଆମେରିକୀୟ ଫୁଟବଲ ପାୱାର ହାଉସ୍ ଭାବେ ଜଣାଶୁଣା ଥିବା ବ୍ରାଜିଲ ଏଥର ୨୦୨୭ ମହିଳା ଫିଫା ବିଶ୍ୱକପ୍ ଆୟୋଜନ କରିବ। ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା କଂଗ୍ରେସ୍‌ରେ ଶୁକ୍ରବାର ଏ ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। କଂଗ୍ରେସ୍‌ରେ ଏ ନେଇ ହୋଇଥିବା ମତଦାନରେ ବ୍ରାଜିଲ ଯୁଗ୍ମ ବିଡ୍ ଦାଖଲ କରିଥିବା ୩ ୟୁରୋପୀୟ ଦେଶ ବେଲଜିୟମ, ନେଦରଲାଣ୍ଡସ ଓ ଜର୍ମାନୀକୁ ପଛରେ ପକାଇଛି। ମତଦାନରେ ବ୍ରାଜିଲକୁ ୧୧୯ଟି ମେମ୍ବର ଆସୋସିଏସନଙ୍କ ମତଦାନ ମିଳିଥିବା ବେଳେ ଯୁଗ୍ମ ବିଡ୍ ଦାଖଲ କରିଥିବା ୩ ଦେଶଗୁଡିକୁ ୭୮ଟି ଭୋଟ୍ ମିଳିଥିଲା। ମତଦାନରେ ୨୦୭ଟି ମେମ୍ବର ଆସୋସିଏସନ ଭୋଟ ଦେବାର ଅଧିକାର ହାସଲ କରିଥିଲେ। ଇଲେକଟ୍ରନିକ ବାଲଟ ମାଧ୍ୟମରେ ଭୋଟ ଦେବାକୁ ୩ଟି ବିକଳ୍ପ ବ୍ରାଜିଲ, ବିଏନ୍‌ଜି କିମ୍ବା ଆବଷ୍ଟେନ ରଖାଯାଇଥିଲା। ପ୍ରଥମଥର ପାଇଁ କୌଣସି ଦକ୍ଷିଣ ଆମେରିକୀୟ ଦେଶରେ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ହେବ।

ବିଶ୍ୱକପ୍‌ର ଗତ ୨୦୨୩ ସଂସ୍କରଣ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ସଫଳତାର ସହ ଆୟୋଜିତ ହୋଇଥିଲା। ବ୍ରାଜିଲ୍‌ରେ ୨୦୧୪ ବିଶ୍ୱକପ୍ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ବିଶ୍ୱକପ୍‌ରେ ବ୍ରାଜିଲର ୧୦ଟି ଷ୍ଟାଡିୟମରେ ମ୍ୟାଚ୍‌ଗୁଡିକ ଖେଳାଯାଇଥିଲା। ଏଥର ୨୦୨୭ ମହିଳା ବିଶ୍ୱକପ୍‌ରେ ମଧ୍ୟ ଏହି ୧୦ଟି ଷ୍ଟାଡିୟମରେ ମ୍ୟାଚ୍ ଆୟୋଜନ ହେବ। ରିଓ ଡି ଜାନେଇରୋର ପ୍ରସିଦ୍ଧ ମାରାକାନା ଷ୍ଟାଡିୟମରେ ବିଶ୍ୱକପ୍‌ର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ମ୍ୟାଚ୍ ଆୟୋଜନ ହୋଇଥିଲା।




### ବିଶ୍ୱକପ୍‌ରେ ଭାଗ ନେବେ ୩୨ଟି ଦଳ

୨୦୨୭ ମହିଳା ଫିଫା ବିଶ୍ୱକପ୍‌ରେ ୬ଟି ଫୁଟବଲ ମହାସଂଘର ୩୨ଟି ଦଳ ଅଂଶଗ୍ରହଣ କରିବେ। ଜୁନ୍ ୨୪ରୁ ଆରମ୍ଭ ହୋଇ ଜୁଲାଇ ୨୫ରେ ବିଶ୍ୱକପ୍ ଶେଷ ହେବ। ବ୍ରାଜିଲ ବିଶ୍ୱର ଷଷ୍ଠ ଦେଶ ଭାବେ ଉଭୟ ପୁରୁଷ ଓ ମହିଳା ବିଶ୍ୱକପ୍ ଆୟୋଜନ କରିବ। ପୂର୍ବରୁ ସ୍ୱିଡେନ, ଆମେରିକା, ଜର୍ମାନୀ, ଫ୍ରାନ୍ସ ଓ କାନାଡା ଉଭୟ ପୁରୁଷ ଓ ମହିଳା ବିଶ୍ୱକପ ସଫଳତାର ସହ ଆୟୋଜନ କରିଥିଲେ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ଭାରତୀୟ ମହିଳା ଦଳର ୟୁରୋପ୍ ଗସ୍ତ

ବେଙ୍ଗାଲୁରୁ, ୧୭ ।୫ (ଏଜେନ୍ସି): ୨୦୨୩-୨୪ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପ୍ରୋ- ଲିଗ୍ ଖେଳିବାକୁ ସାଲିମା ଟେଟେଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ୟୁରୋପ ଗସ୍ତ କରିଛି। ଶୁକ୍ରବାର ସକାଳେ ଭାରତୀୟ ଦଳ ସ୍ଥାନୀୟ କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଯାତ୍ରା ଆରମ୍ଭ କରିଛି। ଏହି ଗସ୍ତରେ ଭାରତ ଦୁଇଟି ଭେନ୍ୟୁ ଓ ପର୍ଯ୍ୟାୟରେ ମ୍ୟାଚ୍ ଖେଳିବ। ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ବେଲଜିୟମର ଆଣ୍ଟୱେର୍ପରେ ଆସନ୍ତା ୨୨ରୁ ୨୬ ତାରିଖ ମଧ୍ୟରେ ଆୟୋଜନ ହେବ। ଲଣ୍ଡନରେ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ଜୁନ୍ ୧ରୁ ୯ ମଧ୍ୟରେ ଖେଳାଯିବ। ଭାରତ ଆର୍ଜେଣ୍ଟିନା, ବେଲଜିୟମ, ଗ୍ରେଟ୍ ବ୍ରିଟେନ ଓ ଜର୍ମାନୀ ବିପକ୍ଷରେ ମ୍ୟାଚ୍ ଖେଳିବ। ଆସନ୍ତା ୨୨ରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ ଭେଟିବ। ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ୨୩ରେ ବେଲଜିୟମକୁ, ତୃତୀୟ ମ୍ୟାଚ୍‌ରେ ୨୫ରେ ବେଲଜିୟମକୁ, ୨୬ରେ ଚତୁର୍ଥ ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ ଭେଟିବ। ଏହାପରେ ଜୁନ୍ ୧ରେ ଭାରତୟ ୫ମ ମ୍ୟାଚ୍‌ରେ ଜର୍ମାନୀକୁ, ୨ରେ ଷଷ୍ଠ ମ୍ୟାଚ୍‌ରେ ଗ୍ରେଟ୍ ବ୍ରିଟେନ୍‌କୁ, ୮ରେ ୭ମ ମ୍ୟାଚ୍‌ରେ ଅଷ୍ଟମ ମ୍ୟାଚ୍‌ରେ ଜର୍ମାନୀକୁ ଓ ଶେଷରେ ୯ ତାରିଖରେ ଅନ୍ତିମ ମୁକାବିଲାରେ ଗ୍ରେଟ୍ ବ୍ରିଟେନକୁ ଭେଟିବ।

ଟି-୨୦ ବିଶ୍ୱକପ୍ ଅଭ୍ୟାସ ମ୍ୟାଚ୍ କାର୍ଯ୍ୟସୂଚୀ ଘୋଷିତ

# ଭାରତ-ବାଂଲା ମୁକାବିଲା ଜୁନ୍ ୧ରେ

ନୂଆଦିଲ୍ଲୀ, ୧୭ ।୫ (ଏଜେନ୍ସି)

ଆସନ୍ତା ମାସରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ପାଇଁ କାର୍ଯ୍ୟସୁଚୀ ଜାରି ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶୁକ୍ରବାର ଏହି କାର୍ଯ୍ୟସୂଚୀ ଜାରି କରିଛି। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ମାତ୍ର ଗୋଟିଏ ଅଭ୍ୟାସ ମ୍ୟାଚ୍ ଖେଳିବ। ନ୍ୟୁୟର୍କରେ ଜୁନ୍ ୧ ତାରିଖରେ ବାଂଲାଦେଶ ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ଖେଳିବ।

### ପାକିସ୍ତାନ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଖେଳିବେନି

କିନ୍ତୁ ପାକିସ୍ତାନ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ କୌଣସି ଅଭ୍ୟାସ ମ୍ୟାଚ୍ ଖେଳିବେ ନାହିଁ। ବିଶ୍ୱକପ୍‌ରେ ମୋଟ ଉପରେ ୨୦ଟି ଦଳ ଅଂଶଗ୍ରହଣ କରିବେ। ଏଥିମଧ୍ୟରୁ ୧୭ଟି ଦଳ ଅଭ୍ୟାସ ମ୍ୟାଚ୍ ଖେଳିବେ।

### ୩ଟି ସହରରେ ଅଭ୍ୟାସ ମ୍ୟାଚ୍ ଖେଳାଯିବ

ବିଶ୍ୱକପ୍‌ରେ ମୋଟ୍ ଉପରେ ୧୬ଟି ଅଭ୍ୟାସ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ଗୁଡିକ ମେ ୨୭ରୁ ଆରମ୍ଭ ହେବ ଓ ଜୁନ୍ ୧ରେ ଶେଷ ହେବ। ଆମେରିକା ଓ ୱେଷ୍ଟଇଣ୍ଡିଜର ତ୍ରିନିଦାଦ୍ ଓ ଟବାଗୋରେ ମ୍ୟାଚଗୁଡିକ ଖେଳାଯିବ। ଅଭ୍ୟାସ ମ୍ୟାଚ୍‌ଗୁଡିକରେ ଦଳ ଗୁଡିକ ସେମାନଙ୍କର ସବୁ ୧୫ କ୍ରିକେଟରଙ୍କୁ ଖେଳିବାର ସୁଯୋଗ ଦେଇପାରିବେ।




ଭାରତ ଜୁନ୍ ୫ରେ ତା'ର ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ଭେଟିବ। ସେହିପରି ୯ ତାରିଖରେ ଦ୍ୱିତୀୟ ମୁକାବିଲାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ସେହିପରି ୧୨ ଓ ୧୫ରେ ଭାରତ ଯଥାକ୍ରମେ ଆମେରିକା ଓ କାନାଡାକୁ ଭେଟିବ। ପ୍ରଥମ ୩ଟି ମ୍ୟାଚ୍ ନ୍ୟୁୟର୍କରେ ଖେଳାଯିବ ଓ କାନାଡା ବିପକ୍ଷ ଅନ୍ତିମ ମ୍ୟାଚ୍ ଫ୍ଲୋରିଡାରେ ଖେଳାଯିବ।

### ଅଭ୍ୟାସ ମ୍ୟାଚ୍ କାର୍ଯ୍ୟସୁଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୭/୫ | କାନାଡ଼ା- ନେପାଳ | ଟେକ୍ସାସ |
| ୨୭/୫ | ଓମାନ- ପାପୁଆ ନ୍ୟୁଗିନି | ଟି ଆଣ୍ଡ ଟି |
| ୨୭/୫ | ନାମିବ୍ୟା- ଉଗାଣ୍ଡା | ଟି ଆଣ୍ଡ ଟି |
| ୨୮/୫ | ଶ୍ରୀଲଙ୍କା- ନେଦରଲାଣ୍ଡସ | ଫ୍ଲୋରିଡା |
| ୨୮/୫ | ବାଂଲାଦେଶ- ଆମେରିକା | ଟେକ୍ସାସ |
| ୨୮/୫ | ଅଷ୍ଟ୍ରେଲିଆ- ନାମିବ୍ୟା | ଟି ଆଣ୍ଡ ଟି |
| ୨୯/୫ | ଦ.ଆଫ୍ରିକା- ଇଣ୍ଟ୍ରାସ୍କ୍ୱାଡ୍ | ଫ୍ଲୋରିଡା |
| ୨୯/୫ | ଆଫଗାନିସ୍ତାନ- ଓମାନ | ଟି ଆଣ୍ଡ ଟି |
| ୩୦/୫ | ନେପାଳ- ଆମେରିକା | ଟେକ୍ସାସ |
| ୩୦/୫ | ସ୍କଟଲାଣ୍ଡ- ଉଗାଣ୍ଡା | ଟି ଆଣ୍ଡ ଟି |
| ୩୦/୫ | ନେଦରଲାଣ୍ଡସ- କାନାଡ଼ା | ଟେକ୍ସାସ |
| ୩୦/୫ | ନାମିବ୍ୟା- ପାପୁଆ ନ୍ୟୁଗିନି | ଟି ଆଣ୍ଡ ଟି |
| ୩୦/୫ | ୱେଷ୍ଟଇଣ୍ଡିଜ- ଅଷ୍ଟ୍ରେଲିଆ | ଟି ଆଣ୍ଡ ଟି |
| ୩୧/୫ | ଆୟର୍ଲାଣ୍ଡ- ଶ୍ରୀଲଙ୍କା | ଫ୍ଲୋରିଡା |
| ୩୧/୫ | ସ୍କଟଲାଣ୍ଡ- ଆଫଗାନିସ୍ତାନ | ଟି ଆଣ୍ଡ ଟି |
| ୧/୬ | ଭାରତ- ବାଂଲାଦେଶ | ନ୍ୟୁୟର୍କ |

ବି.ଦ୍ର.: ଟି ଆଣ୍ଡ ଟି - ତ୍ରିନିଦାଦ ଓ ଟବାଗୋ

# ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ବାତିଲ

ପ୍ୟାରିସ୍, ୧୭।୫ (ଏଜେନ୍ସି): ପ୍ୟାରିସ୍ ଅଲିମ୍ପିକ୍ସ ଆରମ୍ଭ ହେବା ପୂର୍ବରୁ କିଛି ଟେଷ୍ଟ ଇଭେଣ୍ଟ ସିଏନ ନଦୀରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ପ୍ରବଳ ବର୍ଷା ହେବାରୁ ଏହି ନଦୀର ଜଳସ୍ତର ବୃଦ୍ଧିପାଇଥିଲା। ଜଳସ୍ତର ବୃଦ୍ଧି ପାଇବାରୁ ଆୟୋଜକମାନେ ମେ ୨୭ରେ ହେବାକୁ ଥିବା ଏହି ଟେଷ୍ଟ ଇଭେଣ୍ଟକୁ ବାତିଲ କରିବା ଲାଗି ବାଧ୍ୟ ହୋଇଛନ୍ତି। ଏହି ନଦୀରେ ଡଙ୍ଗାରେ ୬ କିଲୋମିଟର ବ୍ୟାପୀ ଟେଷ୍ଟ ଇଭେଣ୍ଟ ଆୟୋଜନ କରାଯିବାକୁ ସ୍ଥିର ହୋଇଥିଲା। ନୀଦରେ ଜଳସ୍ତର ଅହେତୁକ ବୃଦ୍ଧି ପାଇବାରୁ ଏହାକୁ ବାତିଲ କରିବାକୁ ବାଧ୍ୟ ହେଲୁ ବୋଲି କ୍ରୀଡ଼ା ବିଭାଗର ଡେପୁଟି ମେୟର ପିଏରେ ରାବାଦାନ କହିଛନ୍ତି। ଏହି ଟେଷ୍ଟ ଇଭେଣ୍ଟ ପୁନର୍ବାର କେବେ କରାଯିବ ତାହାର ତାରିଖ ଧାର୍ଯ୍ୟ ହୋଇନାହିଁ। ଅଲିମ୍ପିକ୍ ଉଦ୍‌ଘାଟନୀ ଉତ୍ସବର ଡ୍ରେସ ରିହରସାଲ ପୂର୍ବପରି ଜୁନ୍ ୧୭ରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସିଏନ୍ ନଦୀରେ ଟେଷ୍ଟ ଇଭେଣ୍ଟ କରିବା ଜରୁରୀ। ଏଠାରେ ଉଦ୍‌ଘାଟନୀ ଉତ୍ସବର କିଛି ଇଭେଣ୍ଟ ସହ ସନ୍ତରଣ ଓ ଟ୍ରାଏଥଲନର କିଛି ଇଭେଣ୍ଟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

# ଅଲିମ୍ପିକ୍ସ ଆରମ୍ଭ ପୂର୍ବରୁ ଆମକୁ ଶାନ୍ତି ଦିଅ: ଅଂଶୁ

ପ୍ୟାରିସ୍, ୧୭।୫ (ଏଜେନ୍ସି)

ପ୍ୟାରିସ୍ ଅଲିମ୍ପିକ୍ସ ଆଉ ଦୁଇ ମାସ ବାକି ରହିଲା। ଏ ସମୟରେ ଆମକୁ ବାରମ୍ବାର ଟ୍ରାଏଲ୍ସ ଦେବାକୁ କହିବା ଆମ ପ୍ରସ୍ତୁତି ଉପରେ ପ୍ରଭାବ ପକାଉଛି। ଭାରତୀୟ କୁସ୍ତି ମହାସଂଘ ଯାହା କରୁଛି ଏକାଥରକେ କରୁ। ନ ହେଲେ ଅନ୍ତର୍ଜାତୀୟ ସ୍ତରରେ ଲଢ଼ିବା ଲାଗି ଆମକୁ ସମୟ ମିଳିବ ନାହିଁ। ଏଭଳି ଟ୍ରାଏଲ୍ସ ଚାଲିଥିଲେ ପ୍ରସ୍ତୁତି କେତେବେଳେ କରିବୁ ବୋଲି କହିଛନ୍ତି ତାରକା କୁସ୍ତିଯୋଦ୍ଧା ଅଂଶୁ ମଲିକ। ଅଂଶୁ ଏବେ ଟୋକିଓରେ ପ୍ରଶିକ୍ଷଣ ନେଉଛନ୍ତି। ଏହା ପରେ ସେ ଅନ୍ୟ ୟୁରୋପ ଦେଶକୁ ଯିବେ। କିନ୍ତୁ ଏଯାଏ ସେ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିନାହାନ୍ତି। କୁସ୍ତି ସଂଘ ପକ୍ଷରୁ ଯେଉଁ ଟ୍ରାଏଲ୍ସ କରାଯାଇଥିଲା ସେଥିରେ ସେ ପ୍ରଥମ ୪ଜଣଙ୍କ ମଧ୍ୟରେ ରହିଛନ୍ତି। ସଂଘର ଯୋଜନା ହେଲା ଏହି ୪ଜଣଙ୍କ ମଧ୍ୟରେ ପୁଣି ପ୍ରତିଯୋଗିତା ହେବ। ଏଥିରେ ଯିଏ ବିଜୟୀ ହେବେ ତାଙ୍କୁ ଅଲିମ୍ପିକ କୋଟାରେ ପ୍ୟାରିସ୍ ଟିକଟ ମିଳିବ। ଏହାକୁ କିନ୍ତୁ ଅଂଶୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ତାଙ୍କ ମତରେ ଥରେ ଆମକୁ ଚୟନ କରିସାରିଛି। ଏହା



ସତ୍ତ୍ୱେ ପୁଣିଥରେ ଚୟନ କରିବା ଲାଗି ଡାକିବା ଠିକ୍ ହେବ ନାହିଁ। ଏଣୁ ଆମକୁ ପ୍ରସ୍ତୁତି ହେବାକୁ ସମୟ ଦିଆଯାଉ ଏବଂ ଅଲିମ୍ପିକ୍ ଭଳି ଏକ ଶ୍ରେଷ୍ଠ ପ୍ରତିଯୋଗିତା ପୂର୍ବରୁ ଆମକୁ ମାନସିକ ଶାନ୍ତି ମିଳୁ ବୋଲି ଅଂଶୁ କହିଛନ୍ତି।

ଅଂଶୁ ଯଦି ଏଥର ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରନ୍ତି ତେବେ ଏହା ତାଙ୍କର ଦ୍ୱିତୀୟ ଇଭେଣ୍ଟ ହେବ। ପୂର୍ବରୁ ମାତ୍ର ୧୭ ବର୍ଷରେ ସେ ଟୋକିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ। କିନ୍ତୁ ଅଭିଜ୍ଞତା ଅଭାବରୁ ସେ ପ୍ରଥମ ରାଉଣ୍ଡରେ ହିଁ ହାରିଯାଇଥିଲେ। ଏହା ପରେ ସେ ୨୦୨୧ ବିଶ୍ୱଚାମ୍ପିଅନସିପରେ ରୌପ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏହା ପରେ ଏସିଆନ ଚାମ୍ପିଅନସିପ୍‌ରେ ମଧ୍ୟ ୪ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଜଣେ ଆଗଧାଡ଼ିର କୁସ୍ତିଯୋଦ୍ଧା ହୋଇଥିଲେ ମଧ୍ୟ ଏବେ ସୁଦ୍ଧା ସିଧାସଳଖ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିନାହାନ୍ତି। ଏଭଳି ପ୍ରସ୍ତୁତି ମଧ୍ୟରେ କିଛି ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଏବେ ସୁଦ୍ଧର ୫ଜଣ ଭାରତୀୟ କୁସ୍ତିଯୋଦ୍ଧା ପ୍ୟାରିସ୍ ଅଲିମ୍ପିକ୍ସ ଟିକଟ ହାସଲ କରିସାରିଛନ୍ତି।

# ଶରତ, ମନିକାଙ୍କୁ ଟିଟି ଦଳର ନେତୃତ୍ୱ

ନୂଆଦିଲ୍ଲୀ, ୧୭ ।୫ (ଏଜେନ୍ସି): ଆଗାମୀ ଜୁଲାଇ- ଅଗଷ୍ଟରେ ଫ୍ରାନ୍ସ ରାଜଧାନୀ ପ୍ୟାରସ୍‌ରେ ଆୟୋଜନ ହେବାକୁ ଯାଉଥିବା ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଲାଗି ଭାରତୀୟ ଟେବଲ ଟେନିସ (ଟିଟି) ଦଳ ଘୋଷିତ ହୋଇଛି। ଭାରତୀୟ ଟିଟି ମହାସଂଘ (ଟିଟିଏଫ୍‌ଆଇ) ଗୁରୁବାର ଏହି ଦଳ ଘୋଷଣା କରିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ ଶରତ କମଲ ଓ ମନିକା ବାତ୍ରା ଏହି ୬ ଜଣିଆ ସଦସ୍ୟର ନେତୃତ୍ୱ ନେବେ।

ତାରକା ଖେଳାଳି ଜି ସାଥିୟାଁଙ୍କୁ ଏହି ୬ ଜଣିଆ ଦଳରେ ସ୍ଥାନ ମିଳିନାହିଁ। ତେବେ ତାଙ୍କୁ ରିଜର୍ଭ ଖେଳାଳି ଭାବେ ସ୍ଥାନ ମିଳିଛି। ଭାରତୀୟ ଖେଳାଳି ଅଲିମ୍ପିକ୍ସରେ ଏକକ ଓ ଦଳୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଅୟହିକା ମୁଖାର୍ଜୀ ମହିଳା ଦଳ ପାଇଁ ରିଜର୍ଭ ଖେଳାଳି ଭାବେ ସ୍ଥାନ ପାଇଛନ୍ତି।

### ଜୁଲାଇ ୨୬ରୁ ଅଲିମ୍ପିକ୍ସ ଆରମ୍ଭ

ପ୍ୟାରିସ ଅଲିମ୍ପିକ୍ସ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତକୁ ପ୍ରଥମଥର ପାଇଁ ଦୌଡ଼କୁଦରେ ସ୍ୱର୍ଣ୍ଣ ପଦକ ମିଳିଥିଲା। ନୀରଜ ଚୋପ୍ରା ଜାଭେଲିନରେ ଏହି ଐତିହାସିକ ସଫଳତା ଭାରତକୁ ପ୍ରଦାନ କରିଥିଲେ।

### ଭାରତୀୟ ଅଲିମ୍ପିକ୍ସ ଟିଟି ଦଳ

**ପୁରୁଷ ଦଳ:** ଶରତ କମଲ, ହରମିତ ଦେଶାଇ, ମାନବ ଠକ୍କର।
**ରିଜର୍ଭ ଖେଳାଳି:** ଜି ସାଥିୟାଁ।
**ମହିଳା ଦଳ:** ମନିକା ବାତ୍ରା, ଶ୍ରୀଜା ଆକୁଲା, ଅର୍ଚ୍ଚନା କାମାଥ।
**ରିଜର୍ଭ ଖେଳାଳି:** ଆହିକା ମୁଖାର୍ଜୀ।
**ପୁରୁଷ ଏକକ:** ଶରତ କମଲ, ହରମିତ ଦେଶାଇ।
**ମହିଳା ଏକକ:** ମନିକା ବାତ୍ରା, ଶ୍ରୀଜା ଅକୁଲା।

# ମୋ ରେକର୍ଡ ଏବେ ସୁରକ୍ଷିତ: ଉସେନ୍

ପ୍ୟାରିସ୍, ୧୭।୫ (ଏଜେନ୍ସି)

ପ୍ୟାରିସରେ ହେବାକୁ ଯାଉଥିବା ଅଲିମ୍ପିକ୍ସକୁ ଫେରୁଛନ୍ତି ଉସେନ ବୋଲ୍ଟ। ପ୍ରତିଦ୍ୱନ୍ଦ୍ୱୀମାନେ ଭୟଭୀତ ହେବାର କିଛି ନାହିଁ। ଉସେନ ଆଉ ଏବେ ଖେଳୁନାହାନ୍ତି। ଏଣୁ ପ୍ୟାରିସ୍‌କୁ ସେ ଆସୁଛନ୍ତି କିଛି ପ୍ରମୋସନାଲ ଇଭେଣ୍ଟରେ ଭାଗନେବେ ଓ ଅଲିମ୍ପିକ୍ସ ଖେଳ ଦେଖିବେ। ଏଣୁ ସେ କାହା ସହ ଲଢ଼େଇ କରିବେ ନାହିଁ ବୋଲି ଆମେରିକାରେ ଟି-୨୦ ବିଶ୍ୱକପ୍‌ର ବ୍ରାଣ୍ଡ ଆମ୍ବସଡର ଭାବେ ପ୍ରଚାର କରିବା ଅବସରରେ ଏହା କହିଛନ୍ତି। ନ୍ୟୁୟର୍କରେ ଯେଉଁ ନୁଆ ଷ୍ଟାଡିୟମ୍ ନିର୍ମାଣ କରାଯାଇଛି, ତାହାକୁ ଉନ୍ମୋଚିତ କରିଛନ୍ତି ଏହି ତାରକା ଖେଳାଳି। ଏହା ସହ ସେ ମଧ୍ୟ ଆହୁରି ଅନେକ କାର୍ଯ୍ୟକ୍ରମରେ ଭାଗନେବେ ସ ଟି-୨୦ କ୍ରିକେଟ୍‌କୁ ଉପଭୋଗ କରିବେ। କ୍ରିକେଟ ମୋ ରକ୍ତରେ ରହିଛି ଓ ଏହାକୁ ମୁଁ ମନଭରି ଉପଭୋଗ କରିଥାଏ ବୋଲି ସେ କହିଛନ୍ତି। ଟି-୨୦ ବିଶ୍ୱକପ୍‌ବେଳେ ମୁଁ ସମସ୍ତ ମ୍ୟାଚ୍ ଦେଖିବାକୁ ଚେଷ୍ଟା କରିବି ଓ ଏହାକୁ ଉପଭୋଗ କରିବି ବୋଲି ସେ କହିଥିଲେ।

ପ୍ୟାରିସ୍ ଅଲିମ୍ପିକ୍ସରେ ତାଙ୍କ ରେକର୍ଡ ଭାଙ୍ଗିବ ବୋଲି ଏକ ପ୍ରଶ୍ନର ଉତ୍ତରରେ ସେ କହନ୍ତି, ମୁଁ ଭାବୁଛି ଏବେ ମୋ ରେକର୍ଡ ପ୍ରତି କୌଣସି ବିପଦ ନାହିଁ। ଏବେ ସେପରି କିଛି ଆଖିଦୃଶିଆ ପ୍ରଦର୍ଶନ ଦେଖିବାକୁ ମିଳୁନାହିଁ ଏବଂ ମୋ ରେକର୍ଡ ଏତେ ସହଜରେ ଭାଙ୍ଗିବ ବୋଲି ମୁଁ ଆଦୌ ଆଶା କରୁନାହିଁ। ସୂଚନାଯୋଗ୍ୟ ଉସେନ ବୋଲ୍ଟ ଦ ସୁପରହ୍ୟୁମାନ ପୁରୁଷ ୧୦୦ ମିଟର ଦୌଡ଼କୁ ୯.୫୮ ସେକେଣ୍ଡ ଓ ୨୦୦ ମିଟରକୁ ୧୯.୧୯ ସେକେଣ୍ଡରେ ଅତିକ୍ରମ କରି ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଅବସର ନେବାର ୮ ବର୍ଷ ପରେ ମଧ୍ୟ ତାଙ୍କ ରେକର୍ଡ ଭାଙ୍ଗିବା ତ ଦୂରର କଥା, କେହି ଏହାର ନିକଟବର୍ତ୍ତୀ ମଧ୍ୟ ହୋଇ ପାରି ନାହାନ୍ତି। ଉସେନ ଏକମାତ୍ର ଧାମକ ଯିଏକି ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ କ୍ରମାଗତ ୩ଟି ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏହି ରେକର୍ଡକୁ ମଧ୍ୟ କେହି ଅତିକ୍ରମ କରିବେ ବୋଲି ସେ ଆଶା କରୁନାହାନ୍ତି। ଏବେ ମଧ୍ୟ ମୋର ଆଉ କିଛି ବର୍ଷ ଖେଳିବା ବାକି ରହିଯାଇଛି ବୋଲି ହସି ହସି କହିଥିଲେ ଏହି ଷ୍ଟାର ଆଥଲେଟ। ସାମ୍ପ୍ରତିକ ସମୟରେ ୫ଥର ୧୦୦ ମିଟରରେ ୧୦ ସେକେଣ୍ଡରୁ କମ୍ ସମୟ ନେଇ ରେସ ପୂରଣ କରିଛନ୍ତି। ସେମାନେ ହେଲେ ଆମେରିକାର ଖ୍ରୀଷ୍ଟିଆନ ମିଲର ଓ କେଣ୍ଡାଲ ୱିଲିୟମ୍ସ। ଉଭୟ ଆଥ୍‌ଲେଟଙ୍କ ଟାଇମିଂ ହେଉଛି ୯.୯୩ ସେକେଣ୍ଡ। ସେହିପରି ୨୦୦ ମିଟର ଦୌଡ଼ରେ ଆମେରିକାରେ କେନିଥ ବେଦ୍‌ନାରେକ୍ ୧୯.୬୭ ସେକେଣ୍ଡ ସମୟ ନେଇ ଥରେ ମାତ୍ର ୨୦ ସେକେଣ୍ଡରୁ କମ୍ ସମୟରେ ରେସ୍ ପୂରଣ କରିଛନ୍ତି।

ବୋଲ୍ଟ ଏବେ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ରେ ପରିଣତ ହୋଇଯାଇଛନ୍ତି। ଭାରତ ପ୍ରତି ଉସେନ୍‌ଙ୍କର ରହିଛି ଅହେତୁକ ଦୁର୍ବଳତା। ସମୟ ଓ ସୁଯୋଗ ମିଳିଲେ ସେ ଭାରତ ଆସିବେ ବୋଲି କହିଛନ୍ତି। ମୁଁ ଜାଣିଛି ଭାରତରେ ମୋର ଅନେକ ସମର୍ଥକ ଅଛନ୍ତି। ସାମାଜିକ ଗଣମାଧ୍ୟମରୁ ମୁଁ ଏହା ଜାଣିବାକୁ ପାଇଛି। ଏମାନଙ୍କ ଲାଗି ମୁଁ ନିଶ୍ଚିତଭାବେ ଭାରତ ଆସିବି ବୋଲି ଉସେନ କହନ୍ତି। ଏକ ଦଶନ୍ଧି ପୂର୍ବରୁ ସେ ଭାରତ ଆସିଥିଲେ। ଏବେ ବ୍ୟବସାୟିକ କାମ ଲାଗି ସମୟ ପାଉନାହାନ୍ତି। ତଥାପି ସେ ଖୁବ୍ ଶୀଘ୍ର ଭାରତ ଆସିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।




**'ନନ୍ଦିଘୋଷ ଟିଭି'**

ନନ୍ଦିଘୋଷ™

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୪ ମେ ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର